Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

+Vol - 22+ Issue No:43+2 June 2026 (Tuesday) + Rourkela + Rs.2.00 + Page -1 +୨୨ ବର୍ଷ +ସଂଖ୍ୟା:୪୩+୨ ଜୁନ୍ ୨୦୨୬ (ମଙ୍ଗଳବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬


## ଶୁଭେନ୍ଦୁଙ୍କ ମନ୍ତ୍ରିମଣ୍ଡଳର ପ୍ରଥମ ବିସ୍ତାର, ୩୫ ମନ୍ତ୍ରୀ ନେଲେ ଶପଥ

ନୂଆଦିଲ୍ଲୀ,୧/୬: ପଶ୍ଚିମବଙ୍ଗରେ ଶୁଭେନ୍ଦୁ ଅଧିକାରୀଙ୍କ ମନ୍ତ୍ରିମଣ୍ଡଳର ପ୍ରଥମ ବିସ୍ତାର, ୩୫ ଜଣ ନୂତନ ମନ୍ତ୍ରୀ ଶପଥ ନେଲେ । ପଶ୍ଚିମବଙ୍ଗରେ ଶୁଭେନ୍ଦୁ ଅଧିକାରୀଙ୍କ ନେତୃତ୍ୱରେ ବିଜେପି ସରକାରଙ୍କ ପ୍ରଥମ କ୍ୟାବିନେଟ୍ ବିସ୍ତାର ହୋଇଛି, ଯେଉଁଥିରେ ୩୫ ଜଣ ନୂତନ ମନ୍ତ୍ରୀ ଶପଥ ଗ୍ରହଣ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ନିଜେ ଜୁନ୍ ୧ ତାରିଖରେ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ଏକ ଟ୍ୱିଟ୍ ମାଧ୍ୟମରେ କ୍ୟାବିନେଟ୍ ବିସ୍ତାର ଘୋଷଣା କରିଥିଲେ, ଯେଉଁଥିରେ ଉଲ୍ଲେଖ କରାଯାଇଥିଲା ଯେ ଜୁନ୍ ୧ ତାରିଖରେ ତାଙ୍କ ସରକାରରେ ୩୫ ଜଣ ନୂତନ ମନ୍ତ୍ରୀ ଯୋଗଦେବେ । ରାଜ୍ୟ ରାଜ୍ୟପାଳ ଆର.ଏନ୍. ରବି ସକାଳ ୧୧ଟାରେ ନବାନ୍ନାର ଲୋକଭବନରେ ନୂତନ ମନ୍ତ୍ରୀମାନଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଥିଲେ । ଯଦିଓ ନୂତନ ମନ୍ତ୍ରୀମାନଙ୍କର ଏକ ନିଶ୍ଚିତ ତାଲିକା ପ୍ରକାଶ କରାଯାଇ ନାହିଁ, ତଥାପି ମନ୍ତ୍ରୀ ପଦ ପାଇଁ କିଛି ପ୍ରମୁଖ ବ୍ୟକ୍ତିଙ୍କ ନାମ ଆଲୋଚନା ହେଉଛି । ଏଥିରେ ସ୍ୱପନ ଦାସଗୁପ୍ତା, ଅର୍ଜ୍ଜୁନ ସିଂହ, ଶଙ୍କର ଘୋଷ, ଜଗନ୍ନାଥ ଚଟ୍ଟୋପାଧ୍ୟାୟ, ମନୋଜ ଓରାଓଁ, ତାପସ ରାୟ, ଦୁଧକୁମାର ମଣ୍ଡଳ ଏବଂ ସାରଦ୍ୱତ ମୁଖୋପାଧ୍ୟାୟ ଅନ୍ତର୍ଭୁକ୍ତ । ମହିଳା ବିଧାୟକମାନଙ୍କୁ ମନ୍ତ୍ରୀ ପଦ ଦିଆଯିବା ନେଇ ମଧ ଆଲୋଚନା ହେଉଛି, ଯେଉଁଥିରେ ଅଭିନେତ୍ରୀ ରୂପା ଗାଙ୍ଗୁଲି ଏବଂ ଚନ୍ଦନା ବାଉରୀ ସାମିଲ ଅଛନ୍ତି । ଆଜିର କ୍ୟାବିନେଟ୍ ବିସ୍ତାର ପରେ, ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ କ୍ୟାବିନେଟରେ ମୋଟ ମନ୍ତ୍ରୀ ସଂଖ୍ୟା ୪୧ରେ ପହଞ୍ଚିବ । ସମ୍ବିଧାନର ଧାରା ୧୬୪ (୧ଏ) ଅନୁଯାୟୀ, ମୁଖ୍ୟମନ୍ତ୍ରୀ ସମେତ ଏକ ରାଜ୍ୟରେ ମନ୍ତ୍ରୀଙ୍କ ସଂଖ୍ୟା ବିଧାନସଭାର ମୋଟ ସଦସ୍ୟ ସଂଖ୍ୟାର କେବଳ ୧୫ ପ୍ରତିଶତ ହୋଇପାରିବ । ପଶ୍ଚିମବଙ୍ଗ ବିଧାନସଭାରେ ୨୯୪ ସଦସ୍ୟ ଥିବାରୁ, ୪୪ ଜଣ ମନ୍ତ୍ରୀ ଏହି ସଂଖ୍ୟାର ୧୫ ପ୍ରତିଶତ । ଏମାନଙ୍କ ମଧ୍ୟରୁ ୩୫ ଜଣ ଆଜି ଶପଥ ଗ୍ରହଣ କରିବେ ଏବଂ ୫ ଜଣ ପୂର୍ବରୁ ଶପଥ ଗ୍ରହଣ କରିସାରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ ପ୍ରଥମ ଥର ପାଇଁ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବହୁମତ ସହିତ ବିଜେପି ବିଜୟୀ ହୋଇ ସରକାର ଗଠନ କରିଛି । ଏହା ତୃଣମୂଳ କଂଗ୍ରେସର ୧୫ ବର୍ଷର ଶାସନର ଅନ୍ତ ଘଟାଇଛି । ୯ ମଇ, ୨୦୨୬ ରେ, ଶୁଭେନ୍ଦୁ ଅଧିକାରୀ ବଙ୍ଗଳାରେ ବିଜେପିର ପ୍ରଥମ ସରକାରଙ୍କ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିଲେ । ଦିଲୀପ ଘୋଷ, ଅଗ୍ନିମିତ୍ର ପାଉଲ୍, ନିସିଥ୍ ପ୍ରାମାଣିକ୍, ଅଶୋକ କୀର୍ତ୍ତନିଆ ଏବଂ କେ. ଟୁଡୁ ମଧ ସେହି ଦିନ ଶପଥ ଗ୍ରହଣ କରିଥିଲେ । ଶୁଭେନ୍ଦୁ ଅଧିକାରୀ ଚାରି ଜଣ ମନ୍ତ୍ରୀଙ୍କ ମଧରେ ଦୁଇଟି ବିଭାଗ ବାଣ୍ଟିଛନ୍ତି । ସେ ଦିଲୀପ ଘୋଷଙ୍କୁ ପଚାଂୟତ ଏବଂ ଗ୍ରାମୀଣ ବିକାଶ, ପଶୁପାଳନ ବିକାଶ ଏବଂ କୃଷି ମାର୍କେଟିଂ ମନ୍ତ୍ରୀ ଭାବରେ ନିଯୁକ୍ତ କରିଛନ୍ତି । ଅଗ୍ନିମିତ୍ର ପାଲଙ୍କୁ ମହିଳା ଏବଂ ଶିଶୁ କଲ୍ୟାଣ ଏବଂ ନଗର ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଭାବରେ ନିଯୁକ୍ତ କରାଯାଇଛି । ନିଶିତ ପ୍ରମାଣିକଙ୍କୁ ଉନ୍ନର ବଙ୍ଗ ବିକାଶ ଏବଂ କ୍ରୀଡ଼ା ବିଭାଗର ଦାୟିତ୍ୱ ଦିଆଯାଇଛି । ଅଶୋକ କୀର୍ତ୍ତନିଆଙ୍କୁ ଖାଦ୍ୟ ବିଭାଗର ମନ୍ତ୍ରୀ ଭାବରେ ନିଯୁକ୍ତ କରାଯାଇଛି, ଏବଂ ଖୁଦିରାମ ଟୁଡୁଙ୍କୁ ପଛୁଆ ବର୍ଗ କଲ୍ୟାଣ ଏବଂ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ଭାବରେ ନିଯୁକ୍ତ କରାଯାଇଛି ।

## ରାଜଧାନୀରେ ବିଜେପିର ଗୁରୁତ୍ୱପୂର୍ଣ୍ଣ ବୈଠକ

ନୂଆଦିଲ୍ଲୀ,୧/୬: ଦିଲ୍ଲୀରେ ଭାରତୀୟ ଜନତା ପାର୍ଟି (ବିଜେପି)ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେଉଛି । ରାଷ୍ଟ୍ରୀୟ ଅଧକ୍ଷ ନିତିନ ନବୀନଙ୍କ ଅଧକ୍ଷତାରେ ହେଉଥିବା ଏହି ବୈଠକରେ ସଙ୍ଗଠନର ସାଧାରଣ ସମ୍ପାଦକ ବି.ଏଲ ସନ୍ତୋଷଙ୍କ ସହ ଜାତୀୟ ମହାସଚିବ, ସଚିବ, ଉପାଧକ୍ଷ ଓ ଅନ୍ୟ ପଦାଧିକାରୀ ମଧ ଉପସ୍ଥିତ ରହିଛନ୍ତି । ସମସ୍ତ ରାଜ୍ୟର ସଭାପତି ଯୋଗ ଦେଇଥିବା ବେଳେ ଏହି ବୈଠକରେ ସଙ୍ଗଠନର ସମୀକ୍ଷା, ନୂଆ ରଣନୀତି, ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତି

ସହ ପ୍ରଧାନମନ୍ତ୍ରୀଙ୍କ ୧୨ ବର୍ଷ ପୂରଣ ଉପରେ ଅନେକ କାର୍ଯ୍ୟକ୍ରମ ଉପରେ ଆଲୋଚନା ହେବ । ଜୁନ୍ ମାସରେ ରାଷ୍ଟ୍ରୀୟ ଅଧକ୍ଷ ନିତିନ ନବୀନ ନିଜ ନୂଆ ଟିମ୍ ଘୋଷଣା କରିବେ, ଏହାସହ ଗତ ସପ୍ତାହରେ ୪ ରାଜ୍ୟର ନୂଆ ବିଜେପି ସଭାପତି ଘୋଷଣା ହୋଇଛି । ଏହି ବୈଠକରେ ନିତିନଙ୍କ କୋର ଟିମ୍ ଗଠନ ଓ ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ନିଯୁକ୍ତିକୁ ନେଇ ମଧ ଆଲୋଚନା ହୋଇପାରେ ।

## ଜୁନ୍ ୩ରୁ ପୁରୀରେ ବ୍ରିକ୍ସ ସମ୍ମିଳନୀ :

ପୁରୀ,୧/୬(ନି/ପ୍ର): ଶ୍ରୀକ୍ଷେତ୍ରରେ ବିଶ୍ୱ ବିପର୍ଯ୍ୟୟ ପରିଚାଳନାକୁ ନେଇ ହେବ ମାନସ ମନ୍ଥନ । ୧୧ ଦେଶର ପ୍ରତିନିଧିଙ୍କୁ ସ୍ୱାଗତ କରିବାକୁ ପ୍ରସ୍ତୁତ ଶ୍ରୀକ୍ଷେତ୍ର । ସୁରକ୍ଷା ପାଇଁ ପ୍ରସ୍ତୁତ ହୋଇଛି ବ୍ଲୁପ୍ରିଂଟ । ପୁରୀରେ ପ୍ରସ୍ତୁତ ରହିଛି ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା । ସହର, ହୋଟେଲ ଓ ଭେନ୍ୟୁ ଉପରେ ସିସିଟିଭିର ରହିବ କଡ଼ା ନଜର । ବିଭିନ୍ନ ବିଭାଗ ସହ ସରିଛି ସମନ୍ୱୟ ବୈଠକ । ସେଫଟି, ସିକ୍ୟୁରିଟି, ସାନିଟାଇଜେସନ ଉପରେ ଫୋକସ ଦିଆଯାଇଛି ବୋଲି କହିଛନ୍ତି ଜିଲ୍ଲାପାଳ । ଜୁନ୍ ୩ ତାରିଖରୁ ଅନୁଷ୍ଠିତ ହେବ ବ୍ରିକ୍ସ ସମ୍ମିଳନୀ । ୨୪ ଘଣ୍ଟିଆ ସିସିଟିଭି ନଜରରେ ରହିବ ପୁରୀ ସହର । ପୁରୀର ତାଜ୍ ହୋଟେଲରେ ଚାଲିଛି ଘନ ଘନ ସମୀକ୍ଷା । ସାରା ବିଶ୍ୱର ନଜର ଏବେ ଶ୍ରୀକ୍ଷେତ୍ର ଉପରେ । ଶ୍ରୀକ୍ଷେତ୍ରରେ ବିଶ୍ୱ ବିପର୍ଯ୍ୟୟ ପରିଚାଳନାକୁ ନେଇ ହେବ ମାନସ ମନ୍ଥନ । ଓଡ଼ିଶାରେ ପ୍ରଥମ ଥର ପାଇଁ ଆୟୋଜିତ ହେବାକୁ ଯାଉଛି ଏଭଳି ଏକ ଅନ୍ତର୍ଜାତୀୟ ସମ୍ମିଳନୀ । ପୁରୀର ତାଜ୍ ହୋଟେଲରେ ୩ଦିନ ଧରି ଏହି ସମ୍ମିଳନୀ ଅନୁଷ୍ଠିତ ହେବ । ସମ୍ମିଳନୀରେ ବ୍ରାଜିଲ, ଋଷିଆ, ଭାରତ, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ, ଚାଇନା, ସାଉଦି ଆରବ, ଦକ୍ଷିଣ ଆଫ୍ରିକା ଏବଂ ୟୁଏଇ ଭଳି ବ୍ରିକ୍ସ ରାଷ୍ଟ୍ର ସମୂହର ପ୍ରତିନିଧି ଯୋଗଦେବେ । ସବୁ ଦେଶର ପ୍ରତିନିଧି ଅଭିଜ୍ଞତା ବାଣ୍ଟିବା ସହ ବିଶ୍ୱ ବିପର୍ଯ୍ୟୟ ପରିଚାଳନା ଓ ପ୍ରତିରୋଧ ପାଇଁ ମତ ରଖିବେ । ବିଶେଷକରି ବିପର୍ଯ୍ୟୟ ସମୟରେ ପରିଚାଳନା ଓ ବିପର୍ଯ୍ୟୟର ଆଗୁଆ ସତର୍କତା ସମ୍ବନ୍ଧରେ ସୂତ୍ର ବାହାରିବ । ଅନ୍ୟପଟେ ଏଭଳି ଆୟୋଜନ ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶା ବା ପୁରୀକୁ ବେଶ ସହାୟକ ହେବ ବୋଲି କହିଛନ୍ତି ହୋଟେଲିଅର ।

## ଡ୍ରୋନ ମାଡ଼ର ପ୍ରତିଶୋଧ :

### ଇରାନ ଉପରେ ଆମେରିକାର ଭୟାବହ ଏୟାରଷ୍ଟ୍ରାଇକ

ନୂଆଦିଲ୍ଲୀ,୧।୬: ପାରସ୍ୟ ଉପସାଗରୀୟ ଅଚଂଳରେ ପୁଣି ଥରେ ଯୁଦ୍ଧର କଳାବାଦଲ ଦେଖାଦେଇଛି । ଆମେରିକା ଏବଂ ଇରାନ ମଧରେ ପୂର୍ବରୁ ଚାଲିଥିବା ଉତ୍ତେଜନା ଏବେ ଏକ ଚରମ ସୀମାରେ ପହଂଚିଛି । ଇରାନ ପକ୍ଷରୁ ଆମେରିକାର ଏକ ଅତ୍ୟାଧୁନିକ ଗଛ-୧ ପ୍ରିଡେଟର ଡ୍ରୋନକୁ ଗୁଳି କରି ଖସାଇ ଦିଆଯିବା ପରେ, ଆମେରିକା ଏହାର ଦୃଢ଼ ଜବାବ ଦେଇଛି । ଆମେରିକୀୟ ସେନା ପକ୍ଷରୁ ଇରାନର ରାଡାର ସିଷ୍ଟମ ଏବଂ ଡ୍ରୋନ ନିୟନ୍ତ୍ରଣ କେନ୍ଦ୍ରଗୁଡ଼ିକ ଉପରେ ଏକ ବଡ଼ ଧରଣର ସିରିଜ୍ ଆକ୍ରମଣ କରାଯାଇଛି, ଯାହା ସମଗ୍ର ଅଚଂଳରେ ଆଲୋଡ଼ନ ସୃଷ୍ଟି କରିଛି । ଇରାନର ସରକାରୀ ସମାଚାର ଏଜେନ୍ସି (ଓଜଘଇ) ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଇରାନର ଅର୍ଦ୍ଧସାମରିକ ବାହିନୀ 'ରିଭୋଲ୍ୟୁସନାରୀ ଗାର୍ଡ' ଏକ ବିବୃତି ଜାରି କରି କହିଛି ଯେ, ଆମେରିକୀୟ ସେନା ଏକ ଦ୍ୱୀପରେ

ଥିବା ତାଙ୍କର ଟେଲିକମ୍ୟୁନିକେସନ ଟାୱାରକୁ ଟାର୍ଗେଟ କରି ଧ୍ୱଂସ କରିଦେଇଛି । ଅପରପକ୍ଷରେ, ଆମେରିକା ନିଜର ପ୍ରତିକ୍ରିୟାରେ କହିଛି ଯେ ଏହି ଆକ୍ରମଣ କେବଳ ଆତ୍ମରକ୍ଷା ପାଇଁ କରାଯାଇଥିଲା । ଆମେରିକୀୟ ବାୟୁସେନା ଗୁରାକ ଏବଂ ଇରାନର କେଶମ ଦ୍ୱୀପରେ ଭୟାବହ ବୋମାବର୍ଷଣ କରିଛି । ଏହା ସହିତ ସାମରିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋର୍ମୁଜ ଦ୍ୱୀପ ଉପରେ ମଧ ଆମେରିକା ବଡ଼ ଧରଣର ଏୟାରଷ୍ଟ୍ରାଇକ କରିଥିବା ସୂଚନା ମିଳିଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଆମେରିକା ଏବଂ ଇରାନ ମଧରେ ବର୍ତ୍ତମାନ ଏକ ଆନୁଷ୍ଠାନିକ ଯୁଦ୍ଧବିରତି ବଳବତ୍ତର ରହିଛି । ତଥାପି, ଦୁଇ ଦେଶ ପରସ୍ପର ଉପରେ ଯୁଦ୍ଧବିରତି ଉଲ୍ଲଂଘନ କରୁଥିବାର ଅନେକ ସଙ୍ଗୀନ ଆରୋପ ଆଣିଛନ୍ତି । ପୂର୍ବରୁ କୁଏତ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଥିଲା ଯେ ଆମେରିକା ସେନା ଉପରେ ହୋଇଥିବା ପ୍ରାରମ୍ଭିକ ଆକ୍ରମଣ ଇରାନ ପକ୍ଷରୁ ହିଁ ହୋଇଥିଲା । ଏହାର ଜବାବରେ ଇରାନ ଦାବି କରିଛି ଯେ, ହୋର୍ମୁଜ ପ୍ରଣାଳୀର 'ସିରିକ୍ ଦ୍ୱୀପ' ଉପରେ ଆକ୍ରମଣ କରିବା ପାଇଁ ଆମେରିକା ପଡ଼ୋଶୀ ଦେଶ କୁଏତର ଏକ ବାୟୁସେନା ଘାଟିକୁ ବ୍ୟବହାର କରୁଥିଲା ।

## ବଢ଼ିଲା କମର୍ସିଆଲ୍ ଗ୍ୟାସ୍ ଦର

ନୂଆଦିଲ୍ଲୀ,୧/୬: ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ପୁଣି ଥରେ ବୃଦ୍ଧି ପାଇଛି । ୧୯ କେଜି କମର୍ସିଆଲ୍ ଗ୍ୟାସ୍ ୪୨ରୁ ୫୩ ଟଙ୍କା ବୃଦ୍ଧି କରାଯାଇଛି ଏବଂ ଏହି ବର୍ଦ୍ଧିତ ଦର ଆଜିଠାରୁ ଲାଗୁ ହୋଇଛି । ଦିଲ୍ଲୀରେ କମର୍ସିଆଲ୍ ସିଲିଣ୍ଡର ମୂଲ୍ୟ ୪୨ ଟଙ୍କା ବୃଦ୍ଧି ପାଇ ୩,୧୧୩.୫୦ ଟଙ୍କା ହୋଇଥିବା ବେଳେ କୋଲକାତାରେ ଏହା ୫୩.୫୦ ଟଙ୍କା ବୃଦ୍ଧି ସହ ୩,୨୫୫.୫୦ ଟଙ୍କା ହୋଇଛି । ସେହିପରି ମୁମ୍ବାଇରେ କମର୍ସିଆଲ୍ ଗ୍ୟାସ୍ ଏବେ ୩,୦୨୪ ଟଙ୍କାରୁ ବଢ଼ି ୩,୦୬୭.୫୦ ଟଙ୍କା ହୋଇଯାଇଛି ।

## ମହାବଳ ବାଘ ଆକ୍ରମଣରେ ଯୁବକ ମୃତ

ଯଶିପୁର,୧/୬(ନି/ପ୍ର): ଯଶିପୁର ବ୍ଲକ ଶିମିଳିପାଳ ବନାଂଚଳ ବେଷ୍ଟିତ ଏକତାଳି ପଚାଂୟତ କୁମୁଡ଼ା ବାଡ଼ି ବନ୍ଧ ପାଖରେ ଜଣେ ସ୍ଥାନୀୟ ବାସିନ୍ଦାଙ୍କ ଖଣ୍ଡିତ ଗୋଡ଼ ଉଦ୍ଧାର । ମହାବଳ ବାଘ ଆକ୍ରମଣ ଜନିତ ଘଟଣକ୍ଷ ବୋଲି ସ୍ଥାନୀୟ ଲୋକେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତ । ପାଖ ଗାଁ ବସନ୍ତପୁରର ସାଧୁ ନାଏକ କାଲି ବନ୍ଧ ପାଖ ରାଜାମ ସାହିକୁ ଯାଇଥିଲା ବେଳେ ଏହି ଅଘଟଣ ଘଟିଥିଲା ସ ଛେଳି ପାଇଁ ଡାଳ କାଟୁଥିବା ବେଳେ ଏହି ଆକ୍ରମଣ ହୋଇଥିଲା । ରାତିରେ ଲୋକ ତାକୁ ଖୋଜି ନ ପାଇ ଆଜି ଏଭଳି ଖଣ୍ଡିତ ଗୋଡ଼ ମିଳିଥିଲା ଓ ବନ ବିଭାଗ ରେଞ୍ଜର ଯଶିପୁର, ଆଇ ଆଇ ସି ସ୍ଥାନୀୟ ଜନ ପ୍ରତିନିଧି ଘଟଣା ସ୍ଥଳରେ ପହଂଚିଛନ୍ତି । ମନ୍ତ୍ରୀ ଗଣେଶ ରାମ ଖୁଂଟିଆ ବି ଘଟଣାସ୍ଥଳରେ ପହଂଚିଛନ୍ତି । ସ୍ଥାନୀୟ ବାସିନ୍ଦା ପ୍ରବଳ ଅସନ୍ତୋଷ ପ୍ରକାଶ କରିଛନ୍ତି । ବାଘ ଆକ୍ରମଣଜନିତ ବୋଲି ଅଭିଯୋଗ ହେଉଛି । ପୂର୍ବରୁ ଏ ଅଚଂଳର ବହୁ ଛେଳିଙ୍କୁ ଆକ୍ରମଣ ହୋଇଥିବା ଘଟଣା ପରେ ଏ ଘଟଣା ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି ।

## ମିଆଁମାରରେ ମୃତ୍ୟୁର ମହାତାଣ୍ଡବ

### ବିସ୍ଫୋରକ ଥିବା କୋଠାରେ ଅଗ୍ନିକାଣ୍ଡ, ୪୫ ମୃତ

ନୂଆଦିଲ୍ଲୀ,୧/୬: ଭାରତର ପଡ଼ୋଶୀ ଦେଶ ମିଆଁମାରରେ ଏକ କୋଠାରେ ଏକ ବଡ଼ ଧରଣର ବିସ୍ଫୋରଣ ଘଟିଛି । ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ଏହାର ଶବ୍ଦ ବହୁ ଦୂର ପର୍ଯ୍ୟନ୍ତ ଶୁଣିବାକୁ ମିଳିଥିବା ରିପୋର୍ଟ ହୋଇଛି । ବିସ୍ଫୋରଣରେ ଅତି କମରେ ୪୫ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ବହୁ ସଂଖ୍ୟକ ଆହତ ହୋଇଛନ୍ତି । ରିପୋର୍ଟ ଅନୁଯାୟୀ, ଖଣିରେ ବ୍ୟବହୃତ ବିସ୍ଫୋରକ ସାମଗ୍ରୀ ଏହି କୋଠାରେ ରଖାଯାଇଥିଲା । ରିପୋର୍ଟ ଅନୁଯାୟୀ, ନାମଖାମ୍ ଟାଉନସିପ୍ର କାଉଟୁଂପ୍ ଗାଁରେ ମଧାହ୍ନ ସମୟରେ ଘଟିଥିବା ବିସ୍ଫୋରଣରେ ୭୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଏହି ଅଚଂଳ ଚୀନ୍ ସୀମା ଠାରୁ ପ୍ରାୟ ୩ କିଲୋମିଟର ଦୂରରେ ଅବସ୍ଥିତ ଏବଂ ଏହା ମିଆଁମାରର କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ଲଢୁଥିବା ଏକ ଜାତିଗତ ଗୋଷ୍ଠୀ ତାଆଙ୍ଗ୍ ନ୍ୟାସନାଲ୍ ଲିବରେସନ୍ ଆର୍ମିର ନିୟନ୍ତ୍ରଣରେ ଅଛି । ବିସ୍ଫୋରଣ ଖବର ପାଇବା ମାତ୍ରେ, ଅଧିକାରୀ ମାନେ ଘଟଣାସ୍ଥଳକୁ ଦୌଡ଼ି ଯାଇଥିଲେ, ଯେଉଁଠାରୁ ଅତି କମରେ ୪୫ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ଏଥିରେ ୬ ଜଣ ପିଲା ମଧ ସାମିଲ ଅଛନ୍ତି । ଉଦ୍ଧାରକାରୀ ଦଳ ସୂଚନା ଦେଇଛନ୍ତି ଯେ, ଏପର୍ଯ୍ୟନ୍ତ ୭୪ ଜଣଙ୍କୁ ଡାକ୍ତରଖାନା ନିଆଯାଇଛି, ଯେଉଁଠାରେ ସେମାନଙ୍କର ଚିକିତ୍ସା କରାଯାଉଛି ।

## ସୁପ୍ରିମକୋର୍ଟଙ୍କୁ ମିଳିଲେ ୫ ନୂଆ ବିଚାରପତି :

### ନିଯୁକ୍ତିକୁ ରାଷ୍ଟ୍ରପତିଙ୍କ ଅନୁମୋଦନ

ନୂଆଦିଲ୍ଲୀ,୧/୬: ସୁପ୍ରିମକୋର୍ଟରେ ୫ ଜଣ ନୂତନ ବିଚାରପତିଙ୍କୁ ନିଯୁକ୍ତି ଦିଆଯାଇଛି । ସିଜେଆଇ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ କଲେଜିୟମ ସମ୍ପ୍ରତି ରାଷ୍ଟ୍ରପତିଙ୍କୁ ୫ ଜଣଙ୍କ ନାମ ସୁପାରିଶ କରିଛନ୍ତି । ଏଥିରେ ଚାରୋଟି ଭିନ୍ନ ଭିନ୍ନ ହାଇକୋର୍ଟର ମୁଖ୍ୟ ବିଚାରପତି ଅନ୍ତର୍ଭୁକ୍ତ ଅଛନ୍ତି । ଏହା ସହିତ ଜଣେ ବରିଷ୍ଠ ଆଇନଜୀବୀ ମଧ ତାଲିକାରେ ଅଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ନିଯୁକ୍ତିକୁ ଅନୁମୋଦନ କରିଛନ୍ତି । ଏନେଇ ସୂଚନା କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ପ୍ରଦାନ କରିଛନ୍ତି । ସୁପ୍ରିମକୋର୍ଟରେ ନିଯୁକ୍ତ ବିଚାରପତିଙ୍କ ମଧରେ ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତି ଚନ୍ଦ୍ରଶେଖରଙ୍କ ନାମ ଅନ୍ତର୍ଭୁକ୍ତ ରହିଛି । ଏହା ସହିତ ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟର ମୁଖ୍ୟ ବିଚାରପତି ଶୀଳ ନାଗୁ, ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ସଞ୍ଜୀବ ସଚଦେବ, ଜମ୍ମୁ-କାଶ୍ମୀର ହାଇକୋର୍ଟର ମୁଖ୍ୟ ବିଚାରପତି ଅରୁଣ ପାଲିଙ୍କ ନାମ ତାଲିକାରେ ରହିଛି । ବରିଷ୍ଠ ଆଇନଜୀବୀ ଭି. ସୁବ୍ରମଣି ମୋହନାଙ୍କୁ ମଧ ସୁପ୍ରିମକୋର୍ଟର ବିଚାରପତି ଭାବରେ ନିଯୁକ୍ତ କରାଯାଇଛି । ଆଇନ ମନ୍ତ୍ରଣାଳୟ ସୋମବାର ସକାଳେ ଏ ସମ୍ପର୍କରେ ବିଜ୍ଞପ୍ତି ଜାରି କରିଛି । ଅର୍ଜୁନ ରାମ ମେଘୱାଲ ସୋସିଆଲ ମିଡିଆ ଏକ୍ସରେ ସୂଚନା ଦେଇଛନ୍ତି, ଭାରତୀୟ ସମ୍ବିଧାନର ଧାରା ୧୨୪ (୨) ଦ୍ୱାରା ପ୍ରଦତ୍ତ କ୍ଷମତା ବ୍ୟବହାର କରି, ରାଷ୍ଟ୍ରପତି, ଭାରତର ମୁଖ୍ୟ ବିଚାରପତିଙ୍କ ସହ ପରାମର୍ଶ କରିବା ପରେ ସୁପ୍ରିମକୋର୍ଟର ୫ ନୂଆ ବିଚାରପତି ନିଯୁକ୍ତ କରିଛନ୍ତି । ମୁଁ ସେମାନଙ୍କୁ ଶୁଭକାମନା ଜଣାଉଛି । ଭି. ସୁବ୍ରମଣି ମୋହନା ଆଇନଜୀବୀରୁ ସିଧାସଳଖ ସୁପ୍ରିମକୋର୍ଟ ବିଚାରପତି ହୋଇଛନ୍ତି । କୌଣସି ଆଇନଗତ ପୃଷ୍ଠଭୂମି ନଥିବା ପରିବାରରେ ଜନ୍ମଗ୍ରହଣ କରି, ସେ ୧୯୮୩ ମସିହାରେ କୋଏମ୍ବାଟୁରର ସରକାରୀ ଆଇନ କଲେଜର ପ୍ରଥମ ବ୍ୟାଚ୍‌ରେ ଯୋଗ ଦେଇଥିଲେ । ସେତେବେଳେ ଭାରତରେ ପ୍ରଥମ ଥର ପାଇଁ ୫ ବର୍ଷିଆ ସମନ୍ୱିତ ଆଇନ ପାଠ୍ୟକ୍ରମ ପ୍ରଚଳନ କରାଯାଇଥିଲା । ଉଲ୍ଲେଖନୀୟ, ୫ ମେ'ରେ କେନ୍ଦ୍ର କ୍ୟାବିନେଟ ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୩୩ ରୁ ୩୭ କୁ ବୃଦ୍ଧି କରିବା ପ୍ରସ୍ତାବକୁ ମଞ୍ଜୁରୀ ଦେଇଥିଲେ । ସରକାର ସଂସଦର ପରବର୍ତ୍ତୀ ଅଧିବେଶନରେ ଏ ସମ୍ପର୍କିତ ଏକ ବିଲ୍ ଆଗତ କରିବେ । କ୍ୟାବିନେଟ ଅନୁମୋଦନ ପରେ ୧୯୫୬ ଆଇନରେ ସଂଶୋଧନ କରାଯିବ । ସମ୍ବିଧାନର ଧାରା ୧୨୪(୧) ଅନୁଯାୟୀ, ସଂସଦର ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ବୃଦ୍ଧି କରିବାର କ୍ଷମତା ଅଛି ।

## ସରକାରଙ୍କୁ ପରିବହନ ସଂଘର ଚିଠି : ତେଲ ଦର କମାଇବାକୁ ଦାବି

ନୂଆଦିଲ୍ଲୀ,୧/୬: ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ହ୍ରାସ ପାଇଥିବାରୁ ପେଟ୍ରୋଲ୍ ଓ ଡିଜେଲ୍ ଦର କମ୍ କରିବାକୁ ସର୍ବଭାରତୀୟ ମୋଟର ଓ ସାମଗ୍ରୀ ପରିବହନ ସଂଘ (ଏଆଇଏମ୍‌ଜିଟିଏ) ପକ୍ଷରୁ ସରକାରଙ୍କୁ ନିବେଦନ କରାଯାଇଛି । ସଂଘ ପକ୍ଷରୁ କୁହାଯାଇଛି ଯେ ଅଶୋଧିତ ତେଲ ୯୦ ଡଲାର ତଳକୁ ହ୍ରାସ ପାଇଛି । ତେଣୁ ତେଲ ଦର କମ୍ କରିବାର ସୁଯୋଗ ସୃଷ୍ଟି ହୋଇଛି । ତାହାକୁ ଦୃଷ୍ଟିରେ ରଖି ପରିବହନ କ୍ଷେତ୍ର ପାଇଁ ପେଟ୍ରୋଲ ଓ ଡିଜେଲ ଦର କମ୍ କରାଯାଉ । କେନ୍ଦ୍ର ସରକାରଙ୍କୁ ଏକ ଚିଠି ଲେଖି ସଂଘ ଜଣାଇଛି ଯେ ତେଲ ଦର ଅଧିକ ରହିଥିବାରୁ ପରିବହନକାରୀମାନେ ଚାପରେ ରହିଛନ୍ତି । ସାରା ଦେଶରେ ପରିବହନ ମହଙ୍ଗା ହୋଇଛି । ତାହା ଉଭୟ ବ୍ୟବସାୟ ଓ ସାଧାରଣ ଗ୍ରାହକଙ୍କ ପାଇଁ ବିଭିନ୍ନ ଜିନିଷର ଦର ବଢ଼ାଇଛି । ତେଲ ଦର କମ୍ କରାଗଲେ ତାହା ପରିବହନକାରୀଙ୍କ ପରିଚାଳନା ଖର୍ଚ୍ଚ କମାଇବ ଓ ଗ୍ରାହକଙ୍କୁ ଦରବୃଦ୍ଧିରୁ ଆବଶ୍ୟକ ଆଶ୍ୱସ୍ତି ପ୍ରଦାନ କରି ବୋଲି ସଂଘ ଜଣାଇଛି । ଚଳିତ ମାସ ୧୫ରୁ ଚାରି ଥରରେ ତେଲ କମ୍ପାନିଗୁଡ଼ିକ ପେଟ୍ରୋଲ ଓ ଡିଜେଲ ଦରରେ ଲିଟର ପିଛା ପାଖାପାଖି ୮ ଟଙ୍କା ବୃଦ୍ଧି କରିଛନ୍ତି । ଚଳିତ ବର୍ଷ ଫେବ୍ରୁଆରି ଶେଷରେ ଇରାନ ଯୁଦ୍ଧ ଆରମ୍ଭ ହେବା ପରେ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ହର୍ମୁଜ ପ୍ରଣାଳୀ ଦେଇ ଠିକ୍ ଭାବେ ଜାହାଜ ଚଳାଚଳ କରିପାରୁନାହିଁ । ସେଥିପାଇଁ ଅଶୋଧିତ ତେଲ ଦର ୧୨୦ ଡଲାରକୁ ବୃଦ୍ଧି ପାଇଥିଲା । ଅନ୍ୟପକ୍ଷରେ ଡଲାର ତୁଳନାରେ ଟଙ୍କା ଦୁର୍ବଳ ହୋଇ ୯୬ ଟଙ୍କା ସ୍ତରକୁ ଖସିଯାଇଥିଲା । ଏହି ଦୁଇ କାରଣ ପାଇଁ ତେଲ ଆମଦାନି ମହଙ୍ଗା ହୋଇଥିଲା । ବଜାର ଦରଠାରୁ କମ୍ ଦାମ୍‌ରେ ୭୬ ଦିନ ପର୍ଯ୍ୟନ୍ତ ତେଲ କମ୍ପାନିଗୁଡ଼ିକ ତେଲ ବିକିଥିଲେ । ସେଥିପାଇଁ ସେମାନେ ଦୈନିକ ୧୦୦୦ କୋଟି ଟଙ୍କାରୁ ଅଧିକ କ୍ଷତି ସହୁଥିଲେ । ସେହି କ୍ଷତି

ଅସହ୍ୟ ହେବା ପରେ ସରକାର ତେଲ କମ୍ପାନିଗୁଡ଼ିକୁ ଦର ବଢ଼ାଇବା ଅନୁମତି ଦେଇଥିଲେ । କିନ୍ତୁ ଅନ୍ୟ ଏକ ମହଲର ଯୁକ୍ତି ହେଉଛି ଚାରିଟି ରାଜ୍ୟର ବିଧାନସଭା ନିର୍ବାଚନ ପାଇଁ ସରକାର ତେଲ ଦର ବଢ଼ାଉନଥିଲେ । ନିର୍ବାଚନ ଫଳ ବାହାରିବା ପରେ ଦର ବଢ଼ାଇବାକୁ କହିଥିଲେ । ଆଜି ତେଲ ସ୍ଥିତି ଉପରେ ସୂଚନା ଦେଇ ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଦେଶରେ ଯଥେଷ୍ଟ ପରିମାଣର ପେଟ୍ରୋଲ, ଡିଜେଲ୍ ଓ ଏଲ୍‌ପିଜି ରହିଛି । ଏଲ୍‌ପିଜି ଉତ୍ପାଦନ ଦୈନିକ ୫୨ ହଜାର ଟନ୍ ? ଭଳି ରେକର୍ଡ ସ୍ତରରେ ପହଂଚିଛି । ତେଲର ଗଚ୍ଛିତ ଭଣ୍ଡାର ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ତେଲ କମ୍ପାନିଗୁଡ଼ିକୁ କୁହାଯାଇଛି । ଅତିକମ୍‌ରେ ୩୦ ଦିନର ତେଲ ଗଚ୍ଛିତ ରଖିବାର ଯୋଜନା ରହିଛି ବୋଲି ପେଟ୍ରୋଲିୟମ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି । କୌଣସି ଏଲ୍‌ପିଜି ବିତରକଙ୍କ ପାଖରେ ଗ୍ୟାସ୍ ଶେଷ ହେବାର ଖବର ନାହିଁ । ପେଟ୍ରୋଲ ପମ୍ପଗୁଡ଼ିକରେ ମଧ ବିକ୍ରି ସ୍ୱାଭାବିକ ଥିବା ସେ କହିଛନ୍ତି ।

କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122


# ୨ମାସ ହେଲା ହିତାଧିକାରୀଙ୍କୁ ମିଳୁନି ଭତା

ପାଟଣା,୧/୬(ନି/ପ୍ର): ଇନ୍ଦିରାଗାନ୍ଧୀ ଜାତୀୟ ପେନସନ ଯୋଜନାରେ ପଞ୍ଜୀକୃତ ଭିନ୍ନକ୍ଷମ, ବିଧବା ଓ ବୃଦ୍ଧ ବୃଦ୍ଧା ହିତାଧିକାରୀ ମାନଙ୍କୁ ଏପ୍ରିଲ ଓ ମଇ ୨୦୨୬ ର ଭତା ଆଜି ପର୍ଯ୍ୟନ୍ତ ମିଳିପାରୁନାହିଁ। ଏହି ଭତା କେନ୍ଦ୍ର ସରକାରଙ୍କ ଦ୍ୱାରା ହିତାଧିକାରୀ ମାନଙ୍କୁ ସିଧାସଳଖ ସେମାନଙ୍କୁ ବ୍ୟାଙ୍କ ଜମା ଖାତା ମାଧ୍ୟମରେ ଦିଆଯାଇଥାଏ। ଦୁର୍ଭାଗ୍ୟର କଥା ଏହି ଯେ ଏହି ଭତା ଅର୍ଥ ବୃଦ୍ଧ ବୃଦ୍ଧା, ବିଧବା ମହିଳା ଓ ଭିନ୍ନକ୍ଷମ ମାନଙ୍କ ପାଇଁ ଜୀବନ ବଞ୍ଚିବାର ରାହା ହୋଇଥିବା ବେଳେ ୨ ମାସ ହେଲା ହିତାଧିକାରୀ ମାନଙ୍କୁ ଭତା ନ ମିଳିବା ସେମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏପରିକି ହିତାଧିକାରୀ ମାନେ ବ୍ୟାଙ୍କକୁ ଧାଇଁ ଧାଇଁ ଗୋଟିଏ ମାସର ଭତା ଅର୍ଥ ଖର୍ଚ୍ଚ କରିସାରିଲେଣି। ସୂଚନାଯୋଗ୍ୟ ଯେ ରାଜ୍ୟରେ ରାଜ୍ୟ ସରକାର ମଧୁବାବୁ ପେନସନ ଯୋଜନା ରେ ବାର୍ଦ୍ଧକ୍ୟ, ଅବିବାହିତା, ଭିନ୍ନକ୍ଷମଙ୍କ ସହ ସବୁବର୍ଗର ହିତାଧିକାରୀଙ୍କୁ ମଧ ମାସିକ ଭତା ଦେଇ ଆସୁଛନ୍ତି। ଏହି ଭତା ସିଧାସଳଖ ପଚାଂୟତର ପିଇଓ ମାନଙ୍କ ଜରିଆରେ ହିତାଧିକାରୀ ମାନଙ୍କୁ ଦିଆଯାଉଥିବାରୁ ଏହା ବେଶ ସୁବିଧାଜନକ ବୋଲି ହିତାଧିକାରୀ ମାନେ ମତ ରଖିଛନ୍ତି। ତେବେ ଇନ୍ଦିରାଗାନ୍ଧୀ ଜାତୀୟ ପେନସନ ଯୋଜନା ହିତାଧିକାରୀ ୨ ମାସ ହେଲା ବ୍ୟାଙ୍କ ଜରିଆରେ ଭତା କାହିଁକି ପାଇ ପାରୁନାହାଁନ୍ତି ତାହାର ଉତର କାହା ପାଖରେ ନାହିଁ। ସୂଚନା ଅନୁଯାୟୀ ଘଟଗାଁ ବ୍ଲକ ୨୭ ପଚାଂୟତ ଅଚଂଳରେ ମୋଟ ୪ ହଜାର ୯୩୭ ଜଣ ଏହି ବର୍ଗର ହିତାଧିକାରୀ ୨ ମାସର ଭତା ପାଇନଥିବା ବେଳେ ପାଟଣା ବ୍ଲକ ରେ ୨୦ ଟି ପଚାଂୟତ ଅଚଂଳରେ ମୋଟ ୫ ହଜାର ୩୩୬ ଜଣ ଏହି ବର୍ଗର ହିତାଧିକାରୀଙ୍କୁ ୨ ମାସର ଭତା ମିଳିନଥିବା ଜଣାପଡ଼ିଛି ।

# ଆନନ୍ଦପୁର ପ୍ରେସ୍ ପରିଷଦର ପକ୍ଷରୁ ଓଏଏସ୍ ଟପର ବୁବୁନ୍ ସାହୁଙ୍କୁ ସମ୍ବର୍ଦ୍ଧନା

ଘଟଗାଁ,୧/୬(ନି/ପ୍ର): ଆନନ୍ଦପୁର ପ୍ରେସ୍ ପରିଷଦର ପକ୍ଷରୁ ଓ ଏ ଏସ୍ ଟପର ବୁବୁନ୍ ସାହୁ ଙ୍କୁ ପୁଷ୍ପଗୁଚ୍ଛ ସହ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ ।ଆନନ୍ଦପୁର ବ୍ଲକ ଅନ୍ତର୍ଗତ ହରିଡ଼ାପାଳ ପଂଚାୟତ ଟୋଲଙ୍କପ ଲଙ୍କପଡ଼ା ଗ୍ରାମର ବୁବୁନ ବନ୍ ସାହୁ ଚଳିତ ବର୍ଷ ଓଏଏସ୍ ପରୀକ୍ଷାରେ ଟପ୍ପର ହୋଇ ପୂବା ବେଳେ ବେଳେ ୩୦ ତାରିଖ ଶନିବାର ଦିନ ଆନନ୍ଦପୁର ଉପ-ଜିଲ୍ଲାପାଳ, ଆନନ୍ଦପୁର ବ୍ଲକ ଓ ପ୍ରେସ୍ ପରି ପରିଷଦ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯ ରାଯାଇଥିବାର ଦେଖାଯାଇଛି । ଟୋଲଙ୍କପଡା ଗ୍ରାମର ଭଗବାନ । ସାହୁ ଓ କୁଞ୍ଜଲତା ସାହୁଙ୍କ ସୁପୁତ୍ର ବୁବୁନ୍ ସାହୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ପୋଲିସ ଏକାଡ଼େମୀରେ ପ୍ରଶିକ୍ଷଣ ନେଉଥିବା ବେଳେ ପୂର୍ବ ବର୍ଷ ଓଏଏସ୍ ପରୀକ୍ଷାରେ ୪୦ଲ୍ୟାଙ୍କରେ କୃତକାର୍ଯ୍ୟ ହୋଇଥିବାବେଳେ ଚଳିତ ବର୍ଷ ମୋଟ୍ ୨୦ ୦୦ଜଣ କୃତୀ ଛାତ୍ରଛାତ୍ରମାନଙ୍କ ମଧ୍ୟରୁ ସେ ଓଏଏସ୍ ଟପ୍ପର ଟି ହୋଇଛନ୍ତି । ତାଙ୍କର ଏହି ସଫଳତା କେନ୍ଦୁଝର ଜିଲ୍ଲା ସହ ଆନନ୍ଦପୁର ଉପଖଣ୍ଡକୁ ଗର୍ବିତ କରିଥିବା ବେଳେ ଶନିବାର ଦିନ ଆନନ୍ଦପୁର ଉପ-ଜିଲ୍ଲାପାଳ ନିଳମାଧବ ସୁନା କାର୍ଯ୍ୟାଳୟ ପରିସରରେ ତାଙ୍କୁ ଉତରୀୟ ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସେହିପରି ଆନନ୍ଦପୁର ବିଡ଼ିଓ ମନୋଜ କୁମାର ମହାନ୍ତ ବ୍ଲକ କାର୍ଯ୍ୟାଳୟ ପରିସରରେ ଉତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ଜଗନ୍ନାଥଙ୍କ ତୈଳ ଫଟୋଚିତ୍ର ପ୍ରଦାନ କରିଥିଲେ । ଆନନ୍ଦପୁର ପ୍ରେସ୍ ପରିଷଦରର ସଭାପତି ନିରାକାର ଦଳେଇଙ୍କ ନେତୃତ୍ୱରେ ସାମ୍ବାଦିକ ରତିକାନ୍ତ ସାହୁ, ହରେକୃଷ୍ଣ ପାତ୍ର,ଗଣେଶ୍ୱର ମହାନ୍ତି ଓ ଦୀପକ ମହାରଣା ପ୍ରମୁଖ ଟପର ବୁବୁନ୍ ସାହୁଙ୍କୁ ପୁଷ୍ପଗୁଚ୍ଛ ସହ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

# ରବିଧାନ ସଂଗ୍ରହ ନେଇ ପ୍ରଶିକ୍ଷଣ ଏବଂ ଚାଷୀଙ୍କୁ ସଚେତନତା

ଜୟପୁର,୧/୬(ନି/ପ୍ର): କୋରାପୁଟ ଜିଲ୍ଲାରେ ଆସନ୍ତା ଜୁନ ୩ରୁ ଚାଷୀଙ୍କ ଅମଳ ରବିଧାନ କ୍ରୟ ନେଇ ମଣ୍ଡିର ଶୁଭାରମ୍ଭ ହେବ । ତେଣୁ ଆଜି ଜୟପୁର ଉପଖଣ୍ଡର ସ୍ଥାନୀୟ ଆଂଚଳିକ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଧାନ ସଂଗ୍ରହ ନେଇ ପ୍ରଶିକ୍ଷଣ ଏବଂ ଚାଷୀଙ୍କ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ସମବାୟ ବିଭାଗ ଉପ ନିବନ୍ଧକ ମୋନିକା ରାୟ, ଉପଜିଲ୍ଲାପାଳ ତଥା ଆଂଚଳିକ ନିୟନ୍ତ୍ରିତ ବଜାର କମିଟିର ସଭାପତି ଯଦୁମଣି ନାୟକ ଏବଂ ବଜାର କମିଟିର ଉପାଧକ୍ଷ ବାଲା ରାୟଙ୍କ ଉପସ୍ଥିତିରେ ଉଦଘାଟିତ ହୋଇଥିଲା । ଏହି ପ୍ରଶିକ୍ଷଣ ଓ ସଚେତନତା ଶିବିରକୁ ଜୟପୁର ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ତୁଷାର କାନ୍ତ ସେଠୀ ପରିଚାଳନା କରିଥିଲେ । ଏହି ଅବସରରେ ଜୟପୁର ଉପଖଣ୍ଡର ବିଭିନ୍ନ ଅଂଚଳର ସମସ୍ତ ଚାଷୀ ମାନେ ଏବଂ ସମସ୍ତ କମିଟିର ନିର୍ଦ୍ଦେଶକ ମାନେ ମଧ ଉପସ୍ଥିତ ରହିଥିଲେ । ଆସନ୍ତା ମଣ୍ଡି ଶୁଭାରମ୍ଭ ହେବା ସହିତ ସରକାର ଯେଉଁ ଧାନର ସର୍ବନିମ୍ନ ମୂଲ୍ୟ ୨୩ ଶହ ଟଙ୍କା ଧାର୍ଯ୍ୟ କରିଛନ୍ତି ଏବଂ ବୋନସ ୮ ଶହ ଟଙ୍କା ଦେବା ପାଇଁ ନିଷ୍ପତି ନେଇଛନ୍ତି । ଚାଷୀମାନଙ୍କ ଅମଳ ଧାନର ଉଚିତ୍ ମୂଲ୍ୟ ପାଇବେ ଏବଂ ସଠିକ୍ ଭାବେ ଧାନର ମାନ ଯାଂଚ୍ କରାଯାଇ କ୍ରୟ କରାଯିବା ନେଇ ଜୟପୁର ନିୟନ୍ତ୍ରିତ କମିଟି ଏବଂ ଯୋଗାଣ ବିଭାଗ ପକ୍ଷରୁ ମିଳିତ ଭାବେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଉଚିତ୍ ମାନର ଧାନ ଚାଷୀ ଆଣିବେ ଏବଂ ମଣ୍ଡିରେ ଠିକ ଢଙ୍ଗରେ ପହଂଚାଇବେ ଯାହା ଫଳରେ ଧାନର ମୂଲ୍ୟ ସର୍ବନିମ୍ନ ଯାହା ରହିଛି ତାଙ୍କର ପ୍ରାପ୍ୟ ଠିକ୍ ପାଇବେ ସେଥି ପ୍ରତି ଧାନ ଦିଆଯାଇଛି। ଆଜିର ଏହି ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମରେ ନିୟନ୍ତ୍ରିତ ବଜାର କମିଟିର ନିର୍ଦ୍ଦେଶକ ଦେବେନ୍ଦ୍ର ବାହିନୀପତି, କୃଷ୍ଣଚନ୍ଦ୍ର ନେପାକ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଶଙ୍କର ସେନ ଭୋଇ, ସହକାରୀ ଯୋଗାଣ ଅଧିକାରୀ ଏନ ଲକ୍ଷ୍ମଣ ରାଓ ଏବଂ ଚାଷୀ ମାନେ ଉପସ୍ଥିତ ଥିଲେ । ଏହିପରି କ୍ରୟକାରୀ ସଂସ୍ଥା ଭାବେ ଲ୍ୟାମ୍ପ ଏବଂ ପାଣି ପଂଚାୟତର କର୍ମଚାରୀ ଏବଂ ନିୟନ୍ତ୍ରିତ ବଜାର କମିଟିର ସଦସ୍ୟ ମାନେ ଉପସ୍ଥିତ ଥିଲେ ।

# ପୋଖରୀରେ ଗାଧୋଉଥିବା ବେଳେ ବୁଡ଼ିଯାଇ ଚାଲିଗଲା ନାବାଳକ ଜୀବନ

ବାଲେଶ୍ୱର,୧।୬(ନି/ପ୍ର): ପୋଖରୀରେ ଗାଧୋଇଲା ବେଳେ ବୁଡିଗଲେ ନାବାଳକ ଛାତ୍ର ।ବାଲେଶ୍ୱର ସ୍ଥିତ ମଠ ସାହି ନିକଟରେ ଥିବା ହରଗଙ୍ଗା ପୋଖରୀରେ ଅଘଟଣ ଘଟିଛି। ମୃତ ନାବାଳକ ଖପରାପଦା ଅଚଂଳର ସମିର ହୁସେନ(୧୫)। ପୋଖରୀକୁ ଗାଧୋଇବାକୁ ୫ ଜଣ ସାଙ୍ଗ ଆସିଥିଲେ। ଗାଧୋଉଥିବା ବେଳେ ସମିର ବୁଡିଯାଇଥିଲେ। ଅନ୍ୟ ସାଙ୍ଗମାନେ ଏ ନେଇ ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ଖବର ପାଇ ଘଟଣା ସ୍ଥଳରେ ଟାଉନ ଥାନା ପୋଲିସ ଓ ଦମକଳ ବାହିନୀ ପହଚିଂଥିଲେ ।ଦେଢ଼ ଘଟାଂ କାଳ ଖୋଜାଖୋଜି କଲା ପରେ ପାଣି ଭିତରୁ ନାବାଳକକୁ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇ ଥିବା ବେଳେ ଡାକ୍ତର ମୃତ ଘୋଷଣା କରିଛନ୍ତି। ପୁଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି।

# ରାସ୍ତା ନିର୍ମାଣ ପାଇଁ ସ୍ଥାନାନ୍ତର ହେଲା ସହିଦଙ୍କ ପ୍ରତିମୂର୍ତି

ପାଟଣା,୧/୬(ନି/ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବୈତରଣୀ ଧାନବେଣୀ ତଟରେ ଦେଶର ପ୍ରଥମ ସହିଦ କୁହାଯାଉଥିବା ଚୁହାଳ ବିଦ୍ରୋହର ମହାନାୟକ ସହିଦ ରଘୁନାଥ ମହାତୋଙ୍କ ପ୍ରତିମୂର୍ତି ଏକ ଭବ୍ୟ ସମାରୋହରେ ସ୍ଥାପନ କରାଯିବା ସହ ପ୍ରତିବର୍ଷ ଜନ୍ମ ଜୟନ୍ତୀ ଓ ସହିଦ ଦିବସ ପାଳନ କରାଯାଇ ଆସୁଥିଲା। ମୁଖ୍ୟତ କୁଡୁମୀ ସମ୍ପ୍ରଦାୟର ଦ୍ୱାରା ଏହା ହୋଇ ଆସୁଛି। ତେବେ ୨୨୦ ନଂ ଜାତୀୟ ରାଜପଥ ନୂତନ ବୈତରଣୀ ସେତୁ ରାସ୍ତା ପ୍ରତିମୂର୍ତି ଦେଇ ଯିବାକୁ ଥିବାରୁ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଏହାକୁ ସ୍ଥାନାନ୍ତର ପାଇଁ ଅନୁରୋଧ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସହିଦଙ୍କ ପ୍ରତିମୂର୍ତିକୁ ସ୍ଥାନାନ୍ତର ପାଇଁ ଆଜି ଭବ୍ୟ ସମାରୋହ ଅନୁଷ୍ଠିତ ହୋଇଥିଲା। କୁଡୁମିସେନା ରାଜ୍ୟ ଉପସଭାପତି ମିତ୍ରଭାନୁ ମହାନ୍ତ, ଆୟୋଜକ କମିଟିର ସଭାପତି ଶରତ ଚନ୍ଦ୍ର ମହାନ୍ତ, ଦେଶ କରମ ରାଜ୍ୟ ଆବାହକ ଲକ୍ଷ୍ମୀଧର ମହାନ୍ତ, ସତ୍ୟନାରାୟଣ ମହାନ୍ତ, ହୃଷିକେଶ ମହାନ୍ତ, ବିଜୟ ମହାନ୍ତ, ତ୍ରିନାଥ ମହାନ୍ତ, କୃଷ୍ଣ ମହାନ୍ତ, କିଶୋର ଚନ୍ଦ୍ର ମହାନ୍ତ, ବ୍ଲକ ସଭାପତି ଅଶୋକ ମହାନ୍ତ, କୁଲୁମାଲି ଗବେଷକ ପ୍ରତାପ ମହାନ୍ତ, ପ୍ରଭାତ ରଞ୍ଜନ ମହାନ୍ତ, ଭୁତ ମହାନ୍ତ, ଧରିତ୍ରୀ ମହାନ୍ତ,ନକୁଳ ମହାନ୍ତ, ଖଗେଶ୍ୱର ମହାନ୍ତ ଲଳିତ କୁମାର ମହାନ୍ତ ପ୍ରମୁଖଙ୍କ ସହିତ ବହୁ ସଂଖ୍ୟାରେ କୁଡୁମୀ ସମ୍ପ୍ରଦାୟର ଲୋକେ ଉପସ୍ଥିତ ଥିଲେ। ପଶ୍ଚିମବଙ୍ଗରୁ ଆସିଥିବା କୁଡୁମୀ ଗବେଷକ ସାଧୁରାମ ଚାନ୍ଦ ମୁର୍ମୁ, ବିଶ୍ୱବିଦ୍ୟାଳୟର କୁଡୁମାଲି ବିଭାଗର ୧୦ ଜଣ ପ୍ରାଧାପକ ଓ କୁଡୁମାଲି ଭାଷା ଗବେଷଣା କରୁଥିବା ୫୦ ଜଣ ପିଜି ଛାତ୍ରଛାତ୍ରୀ ଉପସ୍ଥିତ ରହି ସହିଦ ରଘୁନାଥ ମହାତୋଙ୍କ ପ୍ରତିମୂର୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ନୂତନ ସ୍ଥାପନ ହେବାକୁଥିବା ସ୍ଥାନରେ ପୂଜାର୍ଚ୍ଚନା କରାଯାଇ ସହିଦଙ୍କ ପ୍ରତିମୂର୍ତି ସ୍ଥାପନ କରାଯାଇଥିଲା।

# ଶେରଗଡ ସିଏଚସିରେ ମହିଳା ଓ ପ୍ରସୂତି ବିଭାଗ ବିଶେଷଜ୍ଞ ନଥିବାରୁ ରୋଗୀ ହନ୍ତସନ୍ତ

ଗଂଜାମ,୧/୬(ନି/ପ୍ର): ଶେରଗଡ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚସି)ରେ ମହିଳା ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଡାକ୍ତର ନଥିବାରୁ ଗର୍ଭବତୀ, ପସୂତି ମହିଳା ରୋଗୀମାନେ ନାହିଁ ନଥିବା ହଟହଟାର ସମ୍ମୁଖୀନ ହେଉଛନ୍ତି । ମହିଳା ରୋଗୀମାନେ ବହୁ ଖର୍ଚାନ୍ତ ହୋଇ ବ୍ରହ୍ମପୁର ଯାଇ ସ୍ୱାସ୍ଥ୍ୟ ପରିକ୍ଷା କରିବାକୁ ବାଧ ହେଉଛନ୍ତି। ଏଠାରେ ଅଲଟ୍ରାସାଉଣ୍ଡ ମେସିନ ଥିଲେ ବି ବିଶେଷଜ୍ଞ ଅଭାବରୁ ଏହି ମେସିନ କାମରେ ଲାଗୁନି। ଦୀର୍ଘ ଦିନ ହେଲା ଏଠାରେ ଜଣେ ମହିଳା ଡାକ୍ତରଙ୍କୁ ନିଯୁକ୍ତି ଦେବାକୁ ଜନ ସାଧାରଣରେ ଦାବି ହୋଇଆସୁଥିଲେ ମଧ ସ୍ୱାସ୍ଥ୍ୟ ବିଭାଗ କର୍ଣ୍ଣପାତ କରୁନାହିଁ କିମ୍ବା ଦୃଷ୍ଟିପାତ କରୁନାହିଁ । କିନ୍ତୁ ଏବେ ସପ୍ତାହରେ ମାତ୍ର ଦିନକ ପାଇଁ ରୁଗୁଡା ଡାକ୍ତରଖାନାରୁ ଡେପୁଟେସନରେ ଶେରଗଡ ସିଏଚସିକୁ ପ୍ରସୂତି ବିଭାଗ ଡାକ୍ତର ଆସି ମହିଳାଙ୍କ ଚିକିତ୍ସା ଦାୟିତ୍ୱ ତୁଲାଇବେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଦେଶ ହୋଇଛି। ଏଥିରେ କ'ଣ ଏ ଅଂଚଳରେ ରୋଗୀ ସେବା ସ୍ୱାଭାବିକ ହୋଇପାରିବ। ଏଣୁ ଜିଲା ସ୍ୱାସ୍ଥ୍ୟ ବିଭାଗ ଏଠାରେ ଜଣେ ପୂର୍ଣ୍ଣକାଳିନ ମହିଳା ଡାକ୍ତର ନିଯୁକ୍ତି କରିବାକୁ ସାଧାରଣରେ ଦାବି ହେଉଛି ।

# ମେଗା କମ୍ପାନୀର ମନମାନି

ଭଦ୍ରକ,୧/୬(ନି/ପ୍ର): ପାଇପ ବିଛାଣ ହେଲା, କିନ୍ତୁ ଘରକୁ ଆସୁନି ପାଣି, ପୋଖରୀ ପାଣି ହିଁ ଗ୍ରାମବାସୀଙ୍କ ସାହା ଭରସା, ଜିଲ୍ଲାପାଳ ଅଫିସ ଆଗରେ ଆମରଣ ଅନଶନ ଚେତାବନୀ ଦେଲେ ଗ୍ରାମବାସୀ, ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ବଜରାପୁର ପଚାଂୟତର ଷଣ୍ଢଗଡା ଗାଁରେ ଦୀର୍ଘଦିନ ଧରି ଦେଖାଦେଇଥିବା ପିଇବା ପାଣି ସମସ୍ୟା ଏବେ ଚରମ ସୀମାରେ ପହଚିଂଛି। ମେଗା ପାନୀୟ ଜଳ ପ୍ରକଳ୍ପର ଅବ୍ୟବସ୍ଥା ଓ କମ୍ପାନୀର ମନମାନି ଯୋଗୁଁ ଗାଁର ୫୦୦ରୁ ଅଧିକ ପରିବାର ଆଜି ପାଣି ଟୋପାଏ ପାଇଁ ହନ୍ତସନ୍ତ ହେଉଛନ୍ତି। ସରକାରଙ୍କ ପକ୍ଷରୁ ଗ୍ରାମକୁ ପାଇପ ବିଛାଣ କାମ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ଘରକୁ ପିଇବା ପାଣି ପହଂଚୁନଥିବାରୁ ଲୋକମାନଙ୍କ ମଧ୍ୟରେ ଭୟଙ୍କର ଅସନ୍ତୋଷ ଦେଖାଦେଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ମେଗା କମ୍ପାନୀ ପକ୍ଷରୁ ପାଇପ ଲାଇନ କାମ କରାଯାଇଥିଲେ ମଧ ତାହା କେବଳ କାଗଜ କଲମରେ ସୀମିତ ରହିଛି। ଅନେକ ସ୍ଥାନରେ ପାଇପ ପଡ଼ି ରହିଥିବା ବେଳେ ଘରକୁ ପାଣି ଆସୁନାହିଁ। ଫଳରେ ଗ୍ରାମର ମହିଳା ଓ ବୃଦ୍ଧମାନେ ପ୍ରତିଦିନ ଦୂର ଦୂରାନ୍ତରୁ ପୋଖରୀ ଓ ଅସୁରକ୍ଷିତ ଜଳସ୍ରୋତରୁ ପାଣି ଆଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି। ଗ୍ରାମର ପୋଖରୀ ପାଣି ହିଁ ଏବେ ଶତାଧିକ ପରିବାରର ଏକମାତ୍ର ସାହା ଭରସା ପାଲଟିଛି। ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି ଯେ, ଏହି ପ୍ରକଳ୍ପରେ ନିଯୁକ୍ତ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଥିବାରୁ କାମର ଗୁଣବତା ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି। ଲୋକଙ୍କ ଅଭିଯୋଗକୁ ଅଣଦେଖା କରି କେବଳ ବିଲ୍ ପାସ କରାଯାଇଥିବା ବେଳେ ପ୍ରକୃତରେ ପ୍ରକଳ୍ପର କୌଣସି ସୁଫଳ ଗ୍ରାମବାସୀ ପାଇପାରୁନାହାନ୍ତି। ବାରମ୍ବାର ଅଭିଯୋଗ ପରେ ମଧ ସମସ୍ୟାର ସମାଧାନ ହେଉନଥିବାରୁ ଲୋକମାନନେ ଅଭିଯୋଗ କରିଛନ୍ତି ।ଏହି ଘଟଣାକୁ ନେଇ ଏସଡିଓ ସ୍ତରରେ ତଦନ୍ତ ହୋଇଥିବା ସୂଚନା ମିଳିଥିଲେ ମଧ ଏପର୍ଯ୍ୟନ୍ତ କୌଣସି ଠୋସ ପଦକ୍ଷେପ ନିଆଯାଇନାହିଁ। ତଦନ୍ତ ପରେ ମଧ ପାଣି ସମସ୍ୟା ଦୂର ନହେବାରୁ ଗ୍ରାମବାସୀଙ୍କ ମଧ୍ୟରେ ପ୍ରଶାସନ ପ୍ରତି ଅସନ୍ତୋଷ ଆହୁରି ବଢ଼ିଛି। "କେବଳ ତଦନ୍ତ ହେଉଛି, କିନ୍ତୁ ଆମେ ପାଣି ପାଉନାହୁଁ" ବୋଲି ଗ୍ରାମବାସୀ ଖୋଲାଖୋଲି ଅଭିଯୋଗ କରିଛନ୍ତି ।ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ଏବେ ଷଣ୍ଢଗଡା ଗ୍ରାମବାସୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ସଜବାଜ ହେଉଛନ୍ତି। ଯଦି ତୁରନ୍ତ ପିଇବା ପାଣି ବ୍ୟବସ୍ଥା ସୁନିଶ୍ଚିତ ନକରାଯାଏ, ତେବେ ଆସନ୍ତା ଦିନରେ ଶତାଧିକ ଗ୍ରାମବାସୀ କଳସୀ ଓ ଗରା ଧରି ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।ଗ୍ରାମବାସୀଙ୍କ କହିବା କଥା, ଗ୍ରୀଷ୍ମ ପ୍ରବାହ ବଢୁଥିବା ବେଳେ ପିଇବା ପାଣି ପାଇଁ ଏଭଳି ଦୁର୍ଦ୍ଦଶା ସାଧାରଣ ଲୋକଙ୍କ ଜୀବନକୁ ଅସହ୍ୟ କରିଦେଇଛି। ଅନ୍ୟପଟେ କୋଟି କୋଟି ଟଙ୍କାର ପ୍ରକଳ୍ପ ହେଉଥିଲେ ମଧ ଲୋକମାନେ ମୌଳିକ ସୁବିଧାରୁ ବଂଚିତ ହେବା ପ୍ରଶାସନିକ ବିଫଳତାକୁ ପଦାରେ ପକାଇଛି। ଏବେ ଜିଲ୍ଲା ପ୍ରଶାସନ କେବେ ଏହି ସମସ୍ୟାର ସ୍ଥାୟୀ ସମାଧାନ କରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ଭଙ୍ଗା ଅଙ୍ଗନବାଡି ବାରଣ୍ଡାରେ ଚାଲିଛି ପାଠ ପଢା ; ଅସୁରକ୍ଷିତ ଶିଶୁ

କେନ୍ଦୁଝର,୧/୬(ନି/ପ୍ର): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ମାଛଗଡ ପଚାଂୟତର କମାରମରା ଗ୍ରାମର ଅଙ୍ଗନବାଡି ଘର ଭାଙ୍ଗି ଯାଇଛି। ଛାତ ଓ ତାଜାର ସିମେଂଟ ଖସି ଭଙ୍ଗା ଲୁହା ଛଡ଼ ଦେଖାଯାଉଛି। ବାରଣ୍ଡାର ଅବସ୍ଥା ମଧ ତଦ୍ରୂପ ରହିଛି। ଭୟରେ ଅଙ୍ଗନବାଡି କର୍ମୀ ଘର ଭିତରେ ପିଲାଙ୍କୁ ପାଠ ନପଢ଼ାଇ ଅଙ୍ଗନବାଡ଼ି ବାରଣ୍ଡାରେ ପାଠ ପଢ଼ାଉଛନ୍ତି। ଦୀର୍ଘ ୨ ବର୍ଷ ହେବ ଗ୍ରାମବାସୀ ଏନେଇ ଅଭିଯୋଗ କରିଥିଲେ ମଧ କର୍ତୃପକ୍ଷ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ବାଧ ହୋଇ କର୍ମୀ ଜଣକ ବର୍ଷା ଦିନେ ଜଣେ ବ୍ୟକ୍ତିଙ୍କ ଖୋଲା ଘରେ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ଅତିଶୀଘ୍ର ଉକ୍ତ ଅଙ୍ଗନବାଡି ଘର ତିଆରି କରିବାକୁ ସାଧାରଣରେ ଦାବି ହେଉଛି।

# ବାଇକ୍‌କୁ ଧକ୍କା ଦେଲା ଟ୍ରକ୍,୧ମୃତ,୧ ଗୁରୁତର

ଅନୁଗୋଳ,୧/୬(ନି/ପ୍ର): ଅନୁଗୋଳ ଜିଲ୍ଲା ସମଲ ଥାନା ଅନ୍ତର୍ଗତ ସମାକୋଇ ବ୍ରିଜ ଉପରେ ବାଇକ୍ କୁ ଧକ୍କା ଦେଲା ଟ୍ରକ୍। ଯାହା ଫଳରେ ଜଣେ ମୃତ, ଜଣେ ଗୁରୁତର। ମୃତ ଜଣଙ୍କ ହେଲେ ହେଲେ ତୁରଙ୍ଗ ଗ୍ରାମର ଦୁଖବନ୍ଧୁ ପ୍ରଧାନଙ୍କ ପୁଅ ଦୀପକ ପ୍ରଧାନ(୨୭) ଏବଂ ଗୁରୁତର ଜଣ ଙ୍କ ହେଲେ ରାଜକିଶୋରପଡା ଅଚଂଳର କଷ୍ଟୁ ସାହୁ ଙ୍କ ପୁଅ ରଞ୍ଜନ ସାହୁ (୨୭) । ସୂଚନା ଯେ, ଦୀପକ ଏବଂ ରଞ୍ଜନ କୌଣସି କାମରେ ବାଇକ୍ ଯୋଗେ ପାଲଲହଡ଼ା ଯାଉଥିବା ବେଳେ ସମଲ ସମାକୋଇ ବ୍ରିଜ ଉପରେ ପଛରୁ ଆସୁଥିବା ଏକ ଟ୍ରକ ସହ ଧକ୍କା ହୋଇଥିଲା। ଯାହା ଫଳରେ ଟ୍ରକ ଟି ବାଇକ୍ କୁ କିଛି ବାଟ ଘୋଷାଡ଼ି ନେଇ ଟ୍ରକ ପଳାଇ ଯାଇଥିଲା। ବାଇକ୍ କୁ ଟ୍ରକ୍ ଘୋଷାଡ଼ି ବା ବେଳେ ବାଇକ୍ ଟି ନିଆଁ ଲାଗୀ ଜଳି ଯାଇଥିଲା। ଯାହା ଫଳରେ ଘଟଣା ସ୍ଥଳରେ ହିଁ ଦୀପକ ଙ୍କର ମୃତ୍ୟୁ ଘଟିଥିବା ବେଳେ ରଞ୍ଜନଙ୍କୁ ଗୁରୁତର ହୋଇ ଯାଇଥିଲେ। ଖବର ପାଇ ସମଲ ପୁଲିସ ପହଚିଂ ମୃତକଙ୍କୁ ଉଦ୍ଧାର କରି ତାଳଚେର ମେଡିକାଲ ରେ ଭର୍ତି କରିଥିବା ବେଳେ ଗୁରୁତର ଙ୍କୁ ଉଦ୍ଧାର କରି ଖମାର ମେଡିକାଲ ରେ ପ୍ରାଥମିକ ଚିକିତ୍ସା ପରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଭର୍ତି କରିଥିଲେ। ରଞ୍ଜନଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଏ ପଟେ ପୋଲିସ ଦୁର୍ଘଟଣା ର ଅଧିକ ତଦନ୍ତ କରୁଛି।

# ବହୁ କଷ୍ଟରେ ବହୁ ଅପେକ୍ଷା ପରେ ଫୁଲବାଣୀ ଶ୍ରୀମନ୍ଦିର ରଥ ପାଇଁ ରଥ କାଠ ଅନୁକୂଳ ହେଲା

କନ୍ଧମାଳ,୧/୬(ନି/ପ୍ର): ଅଧିକାଂଶ ଜିଲ୍ଲାରେ ରଥଯାତ୍ରାରେ ତିନୋଟି ରଥ ପାଇଁ ବନ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଅପର୍ଯ୍ୟାପ୍ତ କାଠ ଯୋଗାଇ ଦିଆଯାଉଥିବାବେଳେ ଫୁଲବାଣୀ ସହରର ଗୋଟିଏ ରଥ ନିର୍ମାଣ ପାଇଁ କାଠର ଅଭାବ ଦେଖିବାକୁ ମିଳୁଛି। ଯାହା ସୂଚନା ମିଳିଛି କନ୍ଧମାଳ ଜିଲ୍ଲା ଫୁଲବାଣୀ ଶ୍ରୀମନ୍ଦିର ରଥନିର୍ମାଣ ପାଇଁ ବହୁ କଷ୍ଟରେ ରଥ କାଠ ଅନୁକୂଳ ହୋଇଛି। ମନ୍ଦିର ପରିଚାଳନା କମିଟି ସଭାପତି ସୁନାସିର ମହାପାତ୍ରଙ୍କ ପ୍ରଚେଷ୍ଟାରେ ଚଳିତ ବର୍ଷ ରଥଯାତ୍ରା ନିମନ୍ତେ ନୂତନ ରଥ ନିର୍ମାଣ ପାଇଁ ମହାରଣାଙ୍କ ଆକଳନ ଏବଂ ଆବଶ୍ୟକ କାଠ ଖଣ୍ଡ ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଚିଠି ନଂ.୪/୬.୦୫.୨୬ରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଏବଂ ଉପଜିଲ୍ଲାପାଳଙ୍କ ନିକଟକୁ ପ୍ରେରଣ କରାଯାଇଥିଲା। ଉକ୍ତ ପତ୍ରକୁ ବନ ଖଣ୍ଡ ଅଧିକାରୀ ଫୁଲବାଣୀ ରେଞ୍ଜ ଅଧିକାରିଣୀଙ୍କ ନିକଟକୁ ପଠାଇଥିଲେ। ଦୀର୍ଘ ୨୦ ଦିନ ବିତି ଯାଇଥିଲେ ମଧ ବନ ବିଭାଗ ପକ୍ଷରୁ କୌଣସି ଉତର ଆସିପାରିଲା ନାହିଁ। ଗତ ଦୁଇ ତିନି ଦିନ ତଳେ ମନ୍ଦିର କମିଟି ସଦସ୍ୟଙ୍କ ବନ ଖଣ୍ଡ ଅଧିକାରୀଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ ପରେ ମାଦିକୁନ୍ଦା ଛକ ନିକଟରେ ପଡ଼ି ରହିଥିବା କାଠ ଗଣ୍ଡି ନେବାକୁ ଆଦେଶ ମିଳିଥିଲା। ଯାହାକି ଜବର ଦଖଲ ଆମିଷ ଦୋକାନ ଉଚ୍ଛେଦ ପରେ ଆମିଷ କଟା କାଠ ଗଣ୍ଡିଗୁଡ଼ିକ ଥିଲା। ସେହି କାଠଗୁଡ଼ିକୁ ପରିଚାଳନା କମିଟି ପକ୍ଷରୁ ବାରଣ କରାଯାଇଥିଲା। ପରେ ସର୍କିଟ ହାଉସ ଫୁଲବାଣୀ ଭିତରେ ବହୁ ବର୍ଷ ହେଲା ପଡ଼ି ରହିଥିବା ଶାଳ କାଠ ଗଣ୍ଡିକୁ ରଥ ନିର୍ମାଣକାରୀ ମହାରଣାମାନେ ଉପଯୁକ୍ତ ହେବ ମନେ କରି ପୂଜାବିଧି ପ୍ରକାରେ ରଥ କାଠ ଅନୁକୂଳ କରାଯାଇଥିଲା। କାଠକୁ ଲୋଡିଂ କରିବା ପରେ ମଧ ସେଠାରୁ କାଠ ଆଣିବା ପାଇଁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରଶାସନର ଆଦେଶକୁ ଅପେକ୍ଷା କରିବାକୁ ପଡ଼ିଥିଲା। ଯାହାର ଆଦେଶରେ ସବୁଜିମା ପ୍ରକୃତି ଧରାର ଜୀବ ଜନ୍ତୁ ଇତର ପ୍ରାଣୀ ପରିଚାଳିତ। ସେ ଆଉ କିଏ ନୁହଁନ୍ତି ସେ ଜଗତର ନାଥ ଜଗନ୍ନାଥ। ହେଲେ ସେହି ଜଗତର ନାଥ ଜଗନ୍ନାଥଙ୍କର ରଥ ନିର୍ମାଣ ନିମନ୍ତେ କାଠ ପାଇଁ ଅପେକ୍ଷା କରିବାକୁ ପଡୁଛି ପ୍ରଭୁଙ୍କୁ, ବାଃ ବାଃରେ ମାନବ ସମାଜ ! ଏହା କେବଳ ଚଳିତ ବର୍ଷ ନୁହେଁ ଗତ ବର୍ଷ ମଧ ରଥ ନିର୍ମାଣ ନିମନ୍ତେ ବନ ବିଭାଗ ପକ୍ଷରୁ ଆବଶ୍ୟକ କାଠ ମିଳି ପାରି ନଥିଲା। ଫଳରେ ପୁରୁଣା କାଠକୁ ଯୋଡ଼ି ମରାମତି କରାଯାଇଥିଲା। କିଛିଦିନ ତଳେ ସେହି ସର୍କିଟ ହାଉସ ପରିସର ଭିତରୁ ଲୋକେ ଜାଳିବା ପାଇଁ ଗଣ୍ଡିଗୁଡ଼ିକୁ ଉଠେଇ ନେଇ ଯାଇଥିବାର କିଛି ଆଖପାଖ ଲୋକଙ୍କ ଠାରୁ ଶୁଣିବାକୁ ମିଳୁଛି। ସେତେବେଳକୁ କାହାର ଆଦେଶକୁ ଅପେକ୍ଷା କରିବାକୁ ପଡୁନାହିଁ କି ପ୍ରଶାସନ ପାଖରେ ତାର ହିସାବ ରହୁନାହିଁ। କିନ୍ତୁ ବନ ବିଭାଗ କାଠ କଟାଳି କାଠ ନେଇଯାଉଥିବା ଲୋକଙ୍କୁ ଦେଖି ମଧ ସେହିମାନଙ୍କ ଉପରେ ଦୃଢ଼ ପଦକ୍ଷେପ ନେଉନାହାନ୍ତି ବରଂ ସେହିମାନଙ୍କୁ ପରୋକ୍ଷ ଭାବରେ ସାହାଯ୍ୟ କରି ଚାଲିଛନ୍ତି। ଏହାସହିତ ନିଜର କର୍ମଚାରୀଙ୍କୁ ଧରି ମଧ ଶାଳ, ପିଆଶାଳ କାଠ ନିଜ ଘରେ ବ୍ୟବହାର କରିଛନ୍ତି। କିନ୍ତୁ ଜଗନ୍ନାଥଙ୍କ ପାଇଁ କାଠ ଦେବାକୁ ଏତେ ଡେରି କାହିଁକି। ଏହାରି ଭିତରେ କଣ ଧର୍ମକୁ ବିରୋଧ କରୁନାହାଁନ୍ତି ତା। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଲେ ଜଗନ୍ନାଥଙ୍କ ରଥ ନିର୍ମାଣ କାର୍ଯ୍ୟ ସୁଚାରୁ ରୂପେ ହୋଇପାରିବ ବୋଲି ସର୍ବ ସାଧାରଣରେ ଚର୍ଚ୍ଚା ହେଉଛି।

# ବିବିଧା

## ଆଜିର ରାଶିଫଳ

ମେଷ: ଭାଗ୍ୟ ଆପଣଙ୍କ ସାଥି ଦେବ। ମନ ପ୍ରସନ୍ନ ରହିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। କର୍ମନିଷ୍ଠ ରହିବେ। ଆୟବ୍ୟୟ ସମାନ ରହିବ।

ବୃଷ: ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

ମିଥୁନ: ଅଚାନକ ଖୁସି ଖବର ମିଳିପାରେ। ବିଦ୍ୟାର୍ଥୀ କ୍ୟାରିୟରକୁ ନେଇ ଚିନ୍ତାରେ ରହିପାରନ୍ତି। ପରିବାର ପାଇଁ ସମୟ ବାହାର କରିବେ। ଯାତ୍ରା ଶୁଭଙ୍କର ହୋଇପାରେ।

କର୍କଟ: ଅଫିସରେ ପଦୋନ୍ନତି ସମ୍ଭାବନା ଅଛି। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

ସିଂହ: ଆତ୍ମବିଶ୍ୱାସ ବୃଦ୍ଧି ପାଇବ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହେବେ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ଖର୍ଚ୍ଚ ବଢ଼ିପାରେ।

କନ୍ୟା: ଛାତ୍ରଛାତ୍ରୀଙ୍କ ପାଇଁ ଦିନଟି ଭଲ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ପୁରୁଣା ନିବେଶରୁ ଲାଭ ମିଳିପାରେ।

ତୁଳା: ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ଚକ୍ଷୁ ସମସ୍ୟା ଦେଖାଦେବ।

ବିଛା: ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ମାନସମ୍ମାନ ବୃଦ୍ଧି ପାଇବ। ଶାରୀରିକ କଷ୍ଟ ଭୋଗିପାରନ୍ତି। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ।

ଧନୁ: ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ମନ ପ୍ରସନ୍ନ ରହିବ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ସମସ୍ତ ଇଚ୍ଛା ପୂରଣ ହେବ। ଅପ୍ରିୟ ସତ କଥା କହି ସମସ୍ୟାରେ ପଡ଼ିପାରନ୍ତି।

ମକର: ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ। ସଙ୍ଗୀତ ପ୍ରତି ରୁଚି ବଢ଼ିବ।

କୁମ୍ଭ: ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସରେ ସହକର୍ମୀଙ୍କ ସାହାଯ୍ୟ ମିଳିପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପିଲାମାନେ ଖେଳକୁଦରେ ବ୍ୟସ୍ତ ରହିପାରନ୍ତି।

ମୀନ: ଆଶା କରିନଥିବା ଦିଗରୁ ଧନ ମିଳିପାରେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ। ରାଜନେତାଙ୍କ ପାଇଁ ଦିନଟି ବହୁତ ଭଲ।

## ଆଜିର ଇତିହାସ

- ୧୮୭୪- ଇଷ୍ଟ ଇଣ୍ଡିଆ କମ୍ପାନିକୁ ଭାଙ୍ଗି ଦିଆଗଲା।
- ୧୮୮୦- ପ୍ରଥମ ଥର ସର୍ବସାଧାରଣ ଟେଲିଫୋନ୍ ସେବା ଆରମ୍ଭ ହେଲା।
- ୧୯୪୧- ବ୍ରିଟିଶ ସେନା ଇରାକ୍ ରାଜଧାନୀ ବାଗଦାଦ୍ ଉପରେ କବ୍ଜା କଲା।
- ୧୯୮୦- ସିଏନ୍‌ଏନ୍‌ର ୨୪ ଘଣ୍ଟିଆ ସମାଚାର ପ୍ରସାରଣ ଆରମ୍ଭ ହେଲା।
- ୧୯୯୬- ଏଚ୍.ଡି ଦେବଗୌଡ଼ା ଭାରତର ଏକାଦଶ ପ୍ରଧାନମନ୍ତ୍ରୀ ହେଲେ।

## ବିଶ୍ୱ ଦୁଗ୍ଧ ଦିବସ

ଦୁଗ୍ଧଜାତ ଦ୍ରବ୍ୟର ଉପକାରିତା ଏବଂ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ପ୍ରତି ବର୍ଷ ଜୁନ୍ ପହିଲାକୁ ବିଶ୍ୱ ଦୁଗ୍ଧ ଦିବସ ଭାବେ ପାଳନ କରାଯାଉଛି। ମିଳିତ ଜାତିସଂଘ ଖାଦ୍ୟ ଏବଂ କୃଷି ସଂଗଠନ ୨୦୦୧ ମସିହାରୁ ଏହି ଦିବସ ପାଳନର ପରିକଳ୍ପନା କରିଥିଲା। କ୍ଷୀରକୁ ସୁପରଫୁଡ୍ ଭାବରେ ବିବେଚନା କରାଯାଏ। ଏଥିରେ ପ୍ରଚୁର ପରିମାଣର କ୍ୟାଲସିୟମ୍, ପ୍ରୋଟିନ୍, ଭିଟାମିନ୍ ଏବଂ ଅନ୍ୟାନ୍ୟ ପୁଷ୍ଟିକର ଉପାଦାନ ଥାଏ, ଯାହାକି ଶରୀରର ହାଡ଼କୁ ମଜଭୁତ କରିବା ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରେ। ଜୀବନ ଆରମ୍ଭରୁ ଆମ ଜୀବନରେ କ୍ଷୀର ମୁଖ୍ୟ ଭୂମିକା ଗ୍ରହଣ କରିଛି। ଏହା ଏପରି ଏକ ଖାଦ୍ୟ ଯାହା ସବୁ ବୟସର ଲୋକମାନେ ସେମାନଙ୍କ ଖାଦ୍ୟରେ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ। ତେଣୁ ଏହାର ଆବଶ୍ୟକତା ବିଷୟରେ ଲୋକଙ୍କୁ ଅବଗତ କରାଇବା ଏବଂ ଦୁଗ୍ଧକୁ ବିଶ୍ୱବ୍ୟାପୀ ବ୍ୟବସାୟ ଭାବରେ ପ୍ରୋତ୍ସାହିତ କରିବା ପାଇଁ ଜୁନ୍ ୧କୁ 'ବିଶ୍ୱ ଦୁଗ୍ଧ ଦିବସ' ଭାବରେ ପାଳନ କରାଯାଏ। ଦୁଗ୍ଧ ବା କ୍ଷୀର ମଣିଷ ସମାଜ ପାଇଁ ସୃଷ୍ଟିର ଏକ ଅତୁଳନୀୟ ଉପହାର। ଆବାଳ ବୃଦ୍ଧ ବନିତା ସମସ୍ତଙ୍କ ପାଇଁ କ୍ଷୀରର ଆବଶ୍ୟକତା ରହିଛି। ମା' କ୍ଷୀର ହେଉ ବା ଗାଈ କ୍ଷୀର ତାହା ଅମୃତ ସମାନ। ହିନ୍ଦୁ ଧର୍ମରେ ଗୋମାତାର ସ୍ଥାନ ସ୍ୱତନ୍ତ୍ର। ଆଧୁନିକ ଯୁଗରେ ଆଧୁନିକତାର ଛାପରେ ସମସ୍ତ କ୍ଷେତ୍ରରେ ପରିବର୍ତ୍ତନ ହୋଇଥିଲେ ମଧ୍ୟ ଦୁଗ୍ଧ ବା କ୍ଷୀରର ଚାହିଦା ସଦା ସର୍ବଦା ରହି ଆସିଛି ଏବଂ ଭବିଷ୍ୟତରେ ରହିବ ମଧ୍ୟ। ଏହାବାଦ୍ ଦୁଗ୍ଧ ଉତ୍ପାଦକ ଉପରେ ଦୃଷ୍ଟି ଦେବା ତଥା ଏହାକୁ ମାଧ୍ୟମ କରି ଜୀବିକା ଉପାର୍ଜନ କରୁଥିବା ବ୍ୟକ୍ତିବିଶେଷଙ୍କୁ ସହାୟତା କରିବା ହେଉଛି ଏହି ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ। ଛୋଟ ବେଳୁ ପିଲାଙ୍କୁ କ୍ଷୀର ଦିଆଯାଏ। ଏହା ସେମାନଙ୍କ ଶରୀରର ବିକାଶରେ ସାହାଯ୍ୟ କରେ। ତା'ସହ କ୍ଷୀର ଅସ୍ଥିକୁ ମଜଭୁତ ରଖିବା ସହ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧିରେ ସାହାଯ୍ୟ କରେ। ଏଣୁ ପ୍ରତିଦିନ ଗୋଟିଏ ଗ୍ଲାସ୍ କ୍ଷୀର ପିଇବା ଜରୁରି। ସେହିପରି କ୍ଷୀରରେ ଅପମିଶ୍ରଣ ବେଶ୍ ପୁରୁଣା। ଅବଶ୍ୟ ପୂର୍ବରୁ ଏହା କେବଳ ପାଣିରେ ସୀମିତ ଥିଲା। ଏବେ ମିଶ୍ରଣ କରିବାର ଶୈଳୀ ବଦଳିଗଲାଣି। କ୍ଷୀରରେ ଡିଟରଜେଣ୍ଟ, ୟୁରିଆ ଭଳି ମାରାତ୍ମକ ଜିନିଷ ଆଦି ମିଶୁଥିବା ଅନେକ ସମୟରେ ଅଭିଯୋଗ ହୁଏ। ଏହି କ୍ଷୀର ଶରୀର ପାଇଁ ବେଶ୍ କ୍ଷତିକାରକ ହୋଇଥାଏ। ଅମୃତ ଭଳି ପାନୀୟରେ କିଭଳି ଅପମିଶ୍ରଣକୁ ରୋକାଯିବ, ସେ ବିଷୟରେ ସମସ୍ତଙ୍କୁ ସଚେତନ ହେବା ଆବଶ୍ୟକ। ବିଶ୍ୱ ଦୁଗ୍ଧ ଦିବସ ଜୁନ୍ ୧ ତାରିଖରେ ପାଳନ କରାଯାଉଥିବାବେଳେ ଭାରତରେ ପ୍ରତିବର୍ଷ ନଭେମ୍ବର ୨୬ ତାରିଖକୁ 'ଜାତୀୟ ଦୁଗ୍ଧ ଦିବସ' ଭାବେ ପାଳନ କରାଯାଏ।

## ମାତ୍ରାଧିକ ଓଆର୍‌ଏସ୍ ପିଇବା କ୍ଷତିକାରକ

ଶରୀରରେ ଜଳୀୟ ଅଂଶ ଏବଂ ଲବଣର ସନ୍ତୁଳନ ବଜାୟ ରଖିବା ପାଇଁ ଓଆର୍‌ଏସ୍ ଅତ୍ୟନ୍ତ ଲାଭଦାୟକ। ଡାଇରିଆ କିମ୍ବା ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ଏହା ଶରୀରକୁ ଶୀଘ୍ର ଶକ୍ତି ପ୍ରଦାନ କରିଥାଏ। ହେଲେ କିଛି ଲୋକ ଏହାକୁ ବୋତଲରେ ପୂରାଇ ରଖି ଦିନସାରା ପିଉଥାନ୍ତି। ମାତ୍ରାଧିକ ଓଆର୍‌ଏସ୍ ପିଇବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ଓଆର୍‌ଏସ୍‌କୁ ସୀମିତ ମାତ୍ରାରେ ପିଇବା ଜରୁରି ବୋଲି ଦିଲ୍ଲୀ ସଫଦରଜଙ୍ଗ ହସ୍ପିଟାଲର ବରିଷ୍ଠ ଡା. ଦୀପକ ସୁମନ କହିଛନ୍ତି। ଏନେଇ ସେ କୁହନ୍ତି, ଖରାଦିନେ ଓଆର୍‌ଏସ୍ ପିଇବାର ଅନେକ ଫାଇଦା ରହିଛି। ଏହା ଶରୀରର ଜଳୀୟ ଅଂଶର ଅଭାବକୁ ଦୂର କରିବା ସହ ଇଲେକ୍ଟ୍ରୋଲାଇଟ୍ ମାତ୍ରାକୁ ସନ୍ତୁଳିତ ରଖିଥାଏ। ଏଥିରେ ସୋଡିୟମ୍, ପୋଟାସିୟମ୍, ଗ୍ଲୁକୋଜ୍ ଥିବାରୁ ଡିହାଇଡ୍ରେସନ୍ ସ୍ଥିତିରେ ଏହା ଶରୀରକୁ ଶୀଘ୍ର ସୁସ୍ଥ କରିଥାଏ। ହେଲେ ଅନ୍ୟ ଜିନିଷ ଭଳି ଏହାକୁ ମଧ୍ୟ ସୀମିତ ମାତ୍ରାରେ ବ୍ୟବହାର କରିବା ଭଲ। ହେଲେ ଯେଉଁମାନେ ସ୍ୱାଭାବିକ ଭାବେ ପାଣି ପିଉଛନ୍ତି ବା ଡିହାଇଡ୍ରେସନର ଶିକାର ହୋଇନାହାନ୍ତି ସେମାନେ ବାରମ୍ବାର ଓଆର୍‌ଏସ୍ ପିଇବା ଫଳପ୍ରଦ ନୁହେଁ। କାରଣ ଏଥିରେ ଶର୍କରା ଥିବାରୁ ମାତ୍ରାଧିକ ଓଆର୍‌ଏସ୍ ପିଇବା ଦ୍ୱାରା ରକ୍ତରେ ଶର୍କରା ମାତ୍ରା ବଢ଼ିଯାଇଥାଏ। ସେହିପରି ଓଆର୍‌ଏସ୍‌ରେ ଲୁଣ ଥିବାରୁ ଏହାକୁ ମାତ୍ରାଧିକ ପିଇବା ଦ୍ୱାରା ରକ୍ତଚାପ ରୋଗୀଙ୍କ ପାଇଁ ଏହା ବିପଜ୍ଜନକ। କେବଳ ସେତିକି ନୁହେଁ, ଆବଶ୍ୟକତାଠାରୁ ଅଧିକ ଓଆର୍‌ଏସ୍ ପିଇଲେ ଶରୀରରେ ଇଲେକ୍ଟ୍ରୋଲାଇଟ୍ (ସୋଡିୟମ, ପୋଟାସିୟମ) ଭାରସାମ୍ୟକୁ ନଷ୍ଟ କରିଥାଏ। ଏହା କିଡ଼ନୀ ପାଇଁ କ୍ଷତିକାରକ ହୋଇଥାଏ। ସେଥିପାଇଁ ବୃକ୍କଜନିତ, ଉଚ୍ଚରକ୍ତଚାପ ରୋଗରେ ପୀଡ଼ିତ, ହୃଦ୍‌ରୋଗୀ, ମଧୁମେହ ରୋଗୀ ଡାକ୍ତରଙ୍କ ବିନା ପରାମର୍ଶରେ ଓଆର୍‌ଏସ୍ ପିଇବା ଅନୁଚିତ।

## ସରିଲା 'ଶକ୍ତିଶାଳିନୀ'ର ସୁଟିଂ

ଲୋକପ୍ରିୟ ପ୍ରଯୋଜନା ସଂସ୍ଥା ମ୍ୟାଡକ୍ ଫିଲ୍ମସ୍‌ର ହରର୍ ଫିଲ୍ମ 'ଶକ୍ତିଶାଳିନୀ'ର ସୁଟିଂ ଇତିମଧ୍ୟରେ ସରି ଯାଇଛି। ନିର୍ଦ୍ଦେଶକ ଆଦିତ୍ୟ ସରପୋତଦାର ଏହି ଚଳଚ୍ଚିତ୍ରରେ ବଙ୍ଗଳା ଲୋକକଥାକୁ ଅଲୌକିକ ଶକ୍ତି ଏବଂ ପ୍ରତିଶୋଧର କାହାଣୀ ସହିତ ଅତି ସୁନ୍ଦର ଭାବରେ ଯୋଡ଼ିଛନ୍ତି। ଅନୀତ ପଡ୍ଡା ଏଥିରେ ମୁଖ୍ୟ ଭୂମିକାରେ ଦେଖାଯିବେ। ସେ ଡବଲ୍ ରୋଲରେ ନଜର ଆସିବେ। ଗୋଟିଏ ଚରିତ୍ରରେ ସେ 'ଶକ୍ତି'ଶାଳିନୀ, ଯିଏ ଜଣେ ସାଧାରଣ ମହିଳାରୁ ରକ୍ଷାକର୍ତ୍ତ୍ରୀ ପାଲଟି ଯାଇଛନ୍ତି। ସେହିପରି ତାଙ୍କର ଦ୍ୱିତୀୟ ଚରିତ୍ରଟି ହେଉଛି 'ଶାଳିନୀ' ନାମକ ଆତ୍ମା ଯିଏ କି ପ୍ରତାରଣାର ଶିକାର ହେବା ପରେ ନ୍ୟାୟ ଚାହୁଁଛି। ଏହି ଚଳଚ୍ଚିତ୍ରର ସୁଟିଂ ମାର୍ଚ୍ଚ ମାସରେ ଆରମ୍ଭ ହୋଇଥିଲା। ଏହାର ଅଧିକାଂଶ ସୁଟିଂ ରାଜସ୍ଥାନ ଓ ମଧ୍ୟପ୍ରଦେଶରେ କରାଯାଇଛି। ଚଳଚ୍ଚିତ୍ରର ଶେଷ ସିନ୍‌ର ସୁଟିଂ ମେ ୨୭ ତାରିଖରେ ମୁମ୍ବାଇର ଚିତ୍ରକୂଟ ଷ୍ଟୁଡିଓରେ କରାଯାଇଥିଲା। ବିକାଶ କୁମାର ସିଂ 'ଶକ୍ତିଶାଳିନୀ'ରେ ଖଳନାୟକ ଭାବେ ଦେଖାଯିବେ। ନାନା ପାଟେକର, ସାମା ବିଶ୍ୱାସ ଏବଂ ବିଶାଳ ଜେଠୱାଙ୍କୁ ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। 'ଶକ୍ତିଶାଳିନୀ' ଏବେ ମ୍ୟାଡକ୍ ଫିଲ୍ମସ୍‌ର ହରର୍ କମେଡି ୟୁନିଭର୍ସରେ ସାମିଲ ହୋଇଛି। ପୂର୍ବରୁ ଏହା 'ସ୍ତ୍ରୀ', 'ଭେଡିୟା', 'ମୁଞ୍ଜ୍ୟା' ଭଳି ଫିଲ୍ମ ଆଣିଥିଲା।

# ସ୍ୱସ୍ତି

## ସଂକଳ୍ପ ବିନା ପୂଜା ଅଧୁରା

**ଶାସ୍ତ୍ରରେ ପୂଜାପାଠ ତଥା ବ୍ରତ ରଖିବା ପୂର୍ବରୁ ସଂକଳ୍ପ କରିବା ନିୟମ ଅଛି। ପୂଜା କରିବା ପୂର୍ବରୁ ତଥା ବ୍ରତ ରଖିବା ପୂର୍ବରୁ ନିଜ ଇଷ୍ଟ ଦେବଙ୍କ ଧ୍ୟାନ କରିବା ଦରକାର। ଏହା ପରେ ପୂଜା ତଥା ବ୍ରତ କରିବାକୁ କୁହାଯାଏ। ତେବେ ସଂକଳ୍ପ କାହିଁକି ଜରୁରି, ସେ ସମ୍ପର୍କରେ ଜାଣିବା।**



ଧାର୍ମିକ ମାନ୍ୟତାନୁସାରେ, ପୂଜା ତଥା ବ୍ରତ ପୂର୍ବରୁ ସଂକଳ୍ପ ନ ରଖିବା ପୂର୍ବରୁ ପୂଜା, ବ୍ରତ ଅଧୁରା ବୋଲି ବିବେଚନା କରାଯାଏ। ଏହାକୁ କରିବାର ଶୁଭଫଳ ପ୍ରାପ୍ତି ହୁଏ ନାହିଁ। ଧାର୍ମିକ ମାନ୍ୟତାନୁସାରେ, ଯେଉଁମାନେ ବିନା ସଂକଳ୍ପରେ ପୂଜା ତଥା ବ୍ରତ ରଖନ୍ତି, ସେମାନଙ୍କ ପୂଜାର ପୂରା ଫଳ ଦେବରାଜ ଇନ୍ଦ୍ର ନେଇଯାଆନ୍ତି।

ସେହିପରି କୌଣସି ପୂଜାପାଠ ତଥା ବ୍ରତ ରଖିବା ପୂର୍ବରୁ ସଂକଳ୍ପ ନେବାର ଅର୍ଥ ହେଉଛି ଇଷ୍ଟଦେବ ତଥା ନିଜେ ନିଜକୁ ସାକ୍ଷୀ ଭାବି ମନକୁ ମନ ସଂକଳ୍ପ ନେବା। ସଂକଳ୍ପ ଦ୍ୱାରା ପୂଜା ତଥା ବ୍ରତକୁ ପୂର୍ଣ୍ଣ କରିବା ପ୍ରାର୍ଥନା କରାଯାଏ। ତେବେ ସଂକଳ୍ପ କରିବାର ନିୟମ ଓ ବିଧି ରହିଛି। ଏଥିରେ ପୂଜା କରୁଥିବା ବ୍ୟକ୍ତି ପ୍ରଥମେ ହାତରେ ଜଳ ଧାରଣ କରେ। ତା'ସହ ଅକ୍ଷତ ଓ ଫୁଲ ରଖି ଭଗବାନ ଗଣେଶଙ୍କୁ ଧ୍ୟାନ କରି ସଂକଳ୍ପ କରନ୍ତି। ଶ୍ରୀଗଣେଶଙ୍କୁ ଧ୍ୟାନ କରିବା ପଛର କାରଣ ହେଲା ସେ ହେଉଛନ୍ତି ଅଗ୍ନି, ପୃଥିବୀ, ଜଳ, ବାୟୁ ଆକାଶର ଅଧିପତି। ଏହି ବିଧିରେ ସଂକଳ୍ପ କରିବା ଦ୍ୱାରା କୌଣସି ବିଘ୍ନ ବିନା ପୂଜା ପୂର୍ଣ୍ଣ ହୁଏ। ଏହା ସହ ବ୍ରତ ରଖିବାର ପୂରା ଫଳ ପ୍ରାପ୍ତ ହୁଏ। ସଂକଳ୍ପର ବହୁତ ଜରୁରି ନିୟମ ହେଉଛି ଯେଉଁ ବ୍ରତ ତଥା ପୂଜା ଲାଗି ସଂକଳ୍ପ ନିଆଯାଏ, ତାହାକୁ ପୂରା କରୁରି କରାଯାଏ। ସଂକଳ୍ପ ନେବା ପରେ ବ୍ରତ ତଥା ପୂଜାକୁ ଅଧୁରା ଛାଡ଼ିଲେ ଇଷ୍ଟଦେବ କ୍ରୋଧ ପ୍ରକଟ କରିଥାନ୍ତି।

## ସପ୍ତାହର ୭ ଦିନରେ କେଉଁ କାର୍ଯ୍ୟ କରିବେ

**ସପ୍ତାହର ପ୍ରତ୍ୟେକ ଦିନର ବିଶେଷ ମହତ୍ତ୍ୱ ଅଛି। ପ୍ରତ୍ୟେକ ଦିନର ଆରମ୍ଭ ଅଲଗା ଅଲଗା ଗ୍ରହରୁ ହୋଇଥାଏ। ସୋମବାରରୁ ରବିବାର ମଧ୍ୟରେ କିଛି କାମ କରିବା ଅତ୍ୟନ୍ତ ଶୁଭ। ସେହିପରି ଏହି ସାତ ଦିନରେ କିଛି କାମ କରିବାକୁ ବାରଣ କରାଯାଇଛି।**

ରବିବାର: ସୂର୍ଯ୍ୟଦେବଙ୍କଠାରୁ ରବିବାର ଆରମ୍ଭ। ଏହିଦିନ ଶାସନ ତଥା ଅଧିକାର ସହ ଜଡ଼ିତ କାମ କରିବା ଉଚିତ। କୌଣସି ବଡ଼ ଚୁକ୍ତି ଏହିଦିନ କରିବା ଶୁଭ। ସେହିପରି ଏହି ଦିନ କାହା ସହିତ ଝଗଡ଼ା କରିବା ଅନୁଚିତ। ତୁଳସୀ ଛିଡ଼ାଇବା ଭଲ ନୁହେଁ। କଳା ବସ୍ତ୍ର ଏହିଦିନ ପିନ୍ଧିବା ଭଲ ନୁହେଁ। ରବିବାର କେଶ ଏବଂ କ୍ଷୌର କାର୍ଯ୍ୟ କରିବା ମନା।

ସୋମବାର: ଭଗବାନ ଶିବଙ୍କୁ ସୋମବାର ସମର୍ପିତ। ଦିନର ଆରମ୍ଭ ଚନ୍ଦ୍ରଦେବଙ୍କଠାରୁ ହୋଇଥାଏ। ଏହିଦିନ ଅର୍ଥ ନେଣଦେଣ କରିପାରିବେ। ବୃକ୍ଷ ରୋପଣ ସହ ପର୍ବ ପାଳନ କରିପାରିବେ। ଅଳଙ୍କାର କିଣିବା ଲାଗି ସୋମବାର ଶୁଭ। ବାପାମାଆଙ୍କ ଅପମାନ କରନ୍ତୁ ନାହିଁ। ଦ୍ୱିପହରରେ ଶୁଅନ୍ତୁ ନାହିଁ। ଏହିଦିନ ପୂର୍ବ, ଉତ୍ତର ଦିଗରେ ଯାତ୍ରା କରନ୍ତୁ ନାହିଁ। ଏହିଦିନ ଚାକିରି ଆରମ୍ଭ କରନ୍ତୁ ନାହିଁ।

ମଙ୍ଗଳବାର: ମଙ୍ଗଳବାରର ସ୍ୱାମୀ ହନୁମାନ। ଭୂମିପୁତ୍ର ମଙ୍ଗଳଙ୍କଠାରୁ ଦିନର ପ୍ରାରମ୍ଭ ହୋଇଥାଏ। ଜମି କିଣାବିକା ଲାଗି ଏହି ଦିନ ଶୁଭ। ସଶସ୍ତ୍ର ସମ୍ବନ୍ଧିତ କାର୍ଯ୍ୟ କରିବା ଶୁଭ। କାହାଠାରୁ ଧାରକରଜ କରନ୍ତୁ ନାହିଁ। ନଖ, କେଶ ଆଦି କାଟିବା ଭଲ ନୁହେଁ।

ବୁଧବାର: ବୁଧବାରର ସ୍ୱାମୀ ଶ୍ରୀଗଣେଶ। ଦିନର ଆରମ୍ଭ ବୁଧ ଗ୍ରହରୁ ହୋଇଥାଏ। ବୁଧବାର ନୂଆ ବ୍ୟବସାୟ ଆରମ୍ଭ କରିବା ଭଲ। ପିଲାଙ୍କ ପଢ଼ା ଲେଖା ବୁଧବାରରୁ ଆରମ୍ଭ କରିବା ଉଚିତ। ମିଛ କହିବା ସହ କୌଣସି କନ୍ୟା ଏବଂ କିନ୍ନରଙ୍କ ଅପମାନ କରିବା ଅନୁଚିତ। ବୁଧବାର ପାନ ଖାଇବା ମନା।

ଗୁରୁବାର: ଗୁରୁବାରର ସ୍ୱାମୀ ଗ୍ରହ ଭଗବାନ ବିଷ୍ଣୁ। ଗୁରୁ ଗ୍ରହରୁ ଏହି ଦିନର ଆରମ୍ଭ। କଦଳୀ ଗଛ ପୂଜା କରିବା ଉଚିତ। ହଳଦିଆ ବସ୍ତ୍ର ପରିଧାନ କରିବା ଭଲ। ଧାର୍ମିକ ତଥା ମାଙ୍ଗଳିକ କାର୍ଯ୍ୟ କରିବା ଭଲ। କେଶ, ନଖ ତଥା କ୍ଷୌର କର୍ମ କରିବା ଭଲ ନୁହେଁ। ଧାର କରଜ କରିବା ଭଲ ନୁହେଁ। ଡ୍ରେସ ତଥା ଘର ସଫାସଫି କରିବା ଅନୁଚିତ।

ଶୁକ୍ରବାର: ଶୁକ୍ରବାରର ଆରମ୍ଭ ଶୁକ୍ର ଗ୍ରହରୁ ହୋଇଥାଏ। ଗୀତ-ସଙ୍ଗୀତ ସହ ଜଡ଼ିତ କାର୍ଯ୍ୟ ଏହିଦିନଠୁ କରିବା ଭଲ। ପ୍ରେମ ଲାଗି ଏହିଦିନ ଶୁଭ। ନୂଆ ପୋଷାକ କିଣିବା ପାଇଁ ଭଲ ଦିନ। ସ୍ୱାମୀ-ସ୍ତ୍ରୀ, ପ୍ରେମିକ-ପ୍ରେମିକା ଏହିଦିନ ଝଗଡ଼ା କରିବା ଅନୁଚିତ। ବୃଦ୍ଧିବାଧିତ ଏବଂ କନ୍ୟାଙ୍କ ଅପମାନ କରିବା ଭଲ ନୁହେଁ।

ଶନିବାର: ଶନିଦେବଙ୍କୁ ଏହିଦିନ ସମର୍ପିତ। ତନ୍ତ୍ର-ମନ୍ତ୍ର ସିଦ୍ଧି ଲାଗି ଏହା ଶୁଭ। ଜୋତା, କପାଳ ଆଦି କିଣିବା ଭଲ ନୁହେଁ। ଶ୍ରମିକଙ୍କ ଅପମାନ କରନ୍ତୁ ନାହିଁ। କାହା ସହିତ ଅନ୍ୟାୟ କିମ୍ବା ଧାର କରଜ କରିବା ଭଲ ନୁହେଁ।

## ଜୁନ୍‌ରେ ୫ ଗ୍ରହଙ୍କ ରାଶି ପରିବର୍ତ୍ତନ

**ଜ୍ୟୋତିଷ ଶାସ୍ତ୍ରରେ ଗ୍ରହଙ୍କ ଗୋଚରର ବିଶେଷ ମହତ୍ତ୍ୱ ଅଛି। ଜୁନ୍‌ରେ ଗୁରୁ, ଶୁକ୍ର, ସୂର୍ଯ୍ୟ, ମଙ୍ଗଳ ଏବଂ ବୁଧ ଗ୍ରହଙ୍କ ଗୋଚର ହେବ। ଏହି ବଡ଼ ଗ୍ରହଙ୍କ ଗୋଚର ଦ୍ୱାରା ୫ ରାଶିଙ୍କୁ ଲାଭ ମିଳିବ।**

ମେଷ: ଏହି ରାଶି ବ୍ୟକ୍ତିବିଶେଷଙ୍କୁ ଜୁନ ମାସରେ ଶୁଭ ଫଳ ମିଳିବ। ମନରେ ଏକ ଅଲଗା ଉତ୍ସାହ ପରିଲକ୍ଷିତ ହେବ। ଅଟକି ରହିଥିବା କାମ ଶୀଘ୍ର ପୂରଣ ହେବ। କ୍ୟାରିୟରରେ ଲାଭ ମିଳିବ। କଠିନ କାମ ସହଜ ଏବଂ ବିନା ବାଧାରେ ପୂରଣ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ।

ମିଥୁନ: ଏହି ମାସରେ ଆର୍ଥିକ ସ୍ଥିତି ମଜବୁତ ହେବ। ଆୟ ବୃଦ୍ଧି ପାଇବ। ମା' ଲକ୍ଷ୍ମୀଙ୍କ କୃପାରୁ ଅର୍ଥସଙ୍କଟ ଦୂର ହେବ। ବ୍ୟବସାୟ ଯୋଜନା ସଫଳ ହେବ। ବୈବାହିକ ଜୀବନ ସୁଖମୟ ହେବ। ସନ୍ତାନ ସୁଖ ପ୍ରାପ୍ତି ହେବ।

କର୍କଟ: ଏହି ମାସ କର୍କଟ ରାଶିଙ୍କ ପାଇଁ ଲାଭକାରୀ ହେବ। ମାନ ସମ୍ମାନ ଏବଂ ପଦୋନ୍ନତିରେ ବୃଦ୍ଧି ଘଟିବ। ଏହି ମାସ ଶେଷରେ କୌଣସି ଖୁସି ଖବର ମିଳିବ। କୌଣସି ବଡ଼ କାମ ପୂରା ହେବ। ଧର୍ମ-କର୍ମରେ ରୁଚି ବଢ଼ିବ। ଆୟ ଦ୍ୱିଗୁଣିତ ହେବ।

କନ୍ୟା: ଘର ତଥା ମାତା ସୁଖ ପ୍ରାପ୍ତ ହେବ। ପରିବାର ସଦସ୍ୟଙ୍କ ସାହାଯ୍ୟ ମିଳିବ। ପାରିବାରିକ ଜୀବନ ସୁଖମୟ ହେବ। ଧନ ଲାଭ ସହିତ ଜୀବନରେ ଉନ୍ନତି ଘଟିବ। କ୍ୟାରିୟରରେ ଆଗକୁ ବଢ଼ିବାର ସୁଯୋଗ ମିଳିବ।

ବିଛା: ବିଛା ରାଶିଙ୍କ ପାଇଁ ଏହି ମାସ ଲାଭକାରୀ ହେବ। ପୂରା ମାସ ଶୁଭ ଏବଂ ମଙ୍ଗଳକାରୀ ହେବ। ଅନେକ ଶୁଭ ଖବର ମିଳିବ। ଅଟକି ରହିଥିବା କାମ ପୂରଣ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ। ଘରେ ମାଙ୍ଗଳିକ କାର୍ଯ୍ୟ ହେବ। ଯାତ୍ରା ଖର୍ଚ୍ଚ କରିବାକୁ ବାଧିତ ହେବେ।

## ହନୁମାନ ଅଷ୍ଟକ ପାଠର ନିୟମ

**ପ୍ରଭୁ ଶ୍ରୀ ହନୁମାନଙ୍କ କୃପା ପ୍ରାପ୍ତି ଲାଗି ହନୁମାନ ଚାଳିଶା, ବଜରଙ୍ଗବାଣ, ସୁନ୍ଦରକାଣ୍ଡ, ହନୁମାନ ଅଷ୍ଟକ ପାଠ କରାଯାଏ। ସନାତନ ଧର୍ମ ଶାସ୍ତ୍ର ମୁତାବିକ ହନୁମାନ ଅଷ୍ଟକ ପାଠ କରିବାର ବିଶେଷ ନିୟମ ଅଛି।**

- ହନୁମାନ ଅଷ୍ଟକ ପାଠ କରିବା ପୂର୍ବରୁ ସ୍ନାନ କରିବା ଜରୁରି।
- ହାତରେ ଜଳ କିମ୍ବା ଗଙ୍ଗା ଜଳ ରଖି ସଂକଳ୍ପ କରନ୍ତୁ।
- ପୂଜା ସ୍ଥାନରେ ନାଲି ରଙ୍ଗ ଆସନ ପକାନ୍ତୁ। ନାଲି ରଙ୍ଗ ବସ୍ତ୍ର ପିନ୍ଧି ସେହି ଆସନରେ ବସନ୍ତୁ।
- ଏହାବାଦ୍ କୌଣସି ହନୁମାନ ମନ୍ଦିରରେ ବସି ଏହାକୁ ପାଠ କରିପାରିବେ।
- ପାଠ କରିବା ପୂର୍ବରୁ ହନୁମାନଙ୍କୁ ଧୂପ-ଦୀପ ପ୍ରଦାନ କରନ୍ତୁ। ସିନ୍ଦୂର, ନାଲି ଫୁଲ ଏବଂ ବୁନ୍ଦି ଲଡୁ ଅର୍ପଣ କରନ୍ତୁ।
- ଅଷ୍ଟକ ପାଠର ଶୁଭ ଫଳ ପାଇଁ ୩,୫,୧୧, ୨୧ ଥର ଏହାର ପାଠ କରନ୍ତୁ।
- ଅଷ୍ଟକ ପାଠ ଦିନ ଆମିଷ ଏବଂ ନିଶା ସେବନ କରିବା ଅନୁଚିତ।
- ଶାନ୍ତ ପରିବେଶ ଏବଂ ନିଷ୍ଠାର ସହ ଏହାକୁ ପାଠ କରିବା ଉଚିତ।

ଉତ୍କଳ ସମାଚାର

# ସମ୍ପାଦକୀୟ...

## ମଙ୍ଗଳବାର ୨ ଜୁନ୍ ୨୦୨୬

# ଗଣିତରେ ଶହେରୁ ଶହେ ଦଶ ନମ୍ବର

ସେଦିନ କଲିକତା ଈଶ୍ୱର ଲେନ୍‌ର ସୁରେନ୍ଦ୍ର ନାଥ ବୋଷ,ଉତେଜିତ ଅବସ୍ଥାରେ ଯେତେବେଳେ ,ତାଙ୍କ ପୁଅ ଅଧ୍ୟୟନ କରୁଥିବା ବିଦ୍ୟାଳୟର ଗଣିତ ଶିକ୍ଷକଙ୍କୁ ଦେଖା କରିବାକୁ ଗଲେ,ତାଙ୍କ ମନରେ ଶତ ପ୍ରତିଶତ ଧାରଣା ଥିଲା ଯେ ଶିକ୍ଷକ ଭୁଲ୍‌ରେ ତାଙ୍କ ପୁଅ ର ପରୀକ୍ଷା ମୂଲ୍ୟାୟନ କରିଛନ୍ତି ।କିନ୍ତୁ ତାଙ୍କୁ ଦେଖୁ ଦେଖୁ ଶିକ୍ଷକ ଯାହା କହିଲେ ତାହା ଶୁଣିବା ପରେ,ସେ ଅନୁଭବ କଲେ ତାଙ୍କ ପାଦ ଆଉ ମାଟିରେ ଲାଗି ନାହିଁ,ସେ ବୋଧହୁଏ,ଆକାଶରେ ଉଡୁଛନ୍ତି । ଶିକ୍ଷକ କହିଲେ,ଆପଣ ନିଶ୍ଚୟ ଆଶ୍ଚର୍ଯ୍ୟ ହେଉଥିବେ ପୂର୍ଣସଂଖ୍ୟା ୧୦୦ ରୁ ସେ ୧୧୦ ପାଇଲା କିପରି ?କିନ୍ତୁ ପ୍ରକୃତରେ ସେ ୨୦୦ ନମ୍ବର ପାଇବା କଥା ।ଧାର୍ଯ୍ୟ ସମୟ ଭିତରେ ଯେତିକି ପ୍ରଶ୍ନର ଉତର ଦେବା କଥା , ଗଣିତରେ ଦିଆଯାଇଥିବା ସମସ୍ତ ଅତିରିକ୍ତ ପ୍ରଶ୍ନ ଯାହା ଖଣ୍ଡିଏ ଗଣିତ ପ୍ରଶ୍ନ ପାଇଁ ଆଉ ଗୋଟିଏ ବିକଳ୍ପ ପ୍ରଶ୍ନ ଭାବରେ ଦିଆଯାଇଥାଏ,ସେ ସମସ୍ତ ପ୍ରଶ୍ନର ଉତର ନିର୍ଭୁଲ ଭାବରେ ଦେଇ ପାରିଛି ।ଏ କଥା ଶୁଣି,ସେ ଘରକୁ ଆସି,ପୁଅକୁ କୁଣ୍ଢାଇ ପକାଇଲେ ,ଚକ୍ଷୁରୁ ଆନନ୍ଦାଶ୍ରୁ ବୋହିଗଲା ,କହିଲେ ପୁଅରେ ତୁ ଭବିଷ୍ୟତରେ ନିଶ୍ଚୟ ଏ ଜାତିର ନାମ ରଖିବୁ ।ପ୍ରକୃତରେ ସେୟାହିଁ ହେଲା ।୧୯୨୪ ମସିହାରେ ଏହି ପିଲାଟି ପ୍ଲାଙ୍କଙ୍କ ତତ୍ତ୍ୱାବଳିକୁ ପାଥେୟ କରି ମ୍ୟାକସିଓେଲ୍‌ଙ୍କ କୋଲଜମ୍ୟାନ ପରିସଂଖ୍ୟାନକୁ ବଦଳାଇ ଏକ ବିଶେଷ ପରିସଂଖ୍ୟାନାଶ୍ରୟୀ ତତ୍ତ୍ୱ ପ୍ରଣୟନ କରିଥିଲେ ।“ବ୍ରିଟିଶ ଜର୍ଣାଲ ଅଫ ଫିଜିକ୍ସ“ନାମକ ମାସିକ ପତ୍ରିକାରେ ଏହି ନିବନ୍ଧଟି ପ୍ରକାଶିତ ହେବା ପରେ,ସେ ବୈଜ୍ଞାନିକ ହିସାବରେ ରାତାରାତି ପ୍ରସିଦ୍ଧି ଲାଭ କରିଥିଲେ ଏବଂ ନୋବେଲ୍ ପୁରସ୍କାର ପ୍ରାପ୍ତ ସ୍ୱନାମଧନ୍ୟ ପଦାର୍ଥ ବିଜ୍ଞାନୀ ମ୍ୟାଡାମକ୍ୟୁରୀଙ୍କ ଅଧୀନରେ ଗବେଷଣା କରିବାକୁ ନିମନ୍ତ୍ରଣ ପାଇ ଜର୍ମାନ ଯାତ୍ରା କରିଥିଲେ । ସୁରେନ୍ଦ୍ରନାଥ ବୋଷଙ୍କ ଔରଷରୁ ଜାତ ଛଅ ଗୋଟି ସନ୍ତାନ ମାନଙ୍କ ମଧ୍ୟରେ, ୧୮୯୪ ମସିହାଜାନୁୟାରୀ ମାସ ପହିଲା ଦିନ ଜାତ ଏହି ସନ୍ତାନଟି ଥିଲେ ତାଙ୍କର ଏକମାତ୍ର ଏବଂ ଜ୍ୟେଷ୍ଠ ପୁତ୍ର,ସତ୍ୟେନ୍ଦ୍ରନାଥ ବୋଷ ।ଏକମାତ୍ର ପୁତ୍ର ସନ୍ତାନ ଭାବରେ ପରିବାର ମଧ୍ୟରେ ତାଙ୍କ ପ୍ରତି ଯତ୍ନ ଏବଂ ଭଉଣୀ ମାନଙ୍କ ଅତ୍ୟଧିକ ସ୍ନେହ ପାଇ ସେ ଭାରି ଏକ ଜିଦିଆ ହୋଇଯାଇଥିଲେ ।ଈଶ୍ୱର ପ୍ରଦତ ସ୍ମରଣ ଶକ୍ତି ଯୋଗୁଁ,ସେ ବିଦ୍ୟାରମ୍ଭ ଠାରୁ ଶେଷ ପର୍ଯ୍ୟନ୍ତ କୌଣସି ଶ୍ରେଣୀରେ ପ୍ରଥମ ସ୍ଥାନ ବ୍ୟତୀତ ଦ୍ୱିତୀୟ ସ୍ଥାନକୁ ଖସି ନାହାନ୍ତି । ଗଣିତରେ ତାଙ୍କର ଦକ୍ଷତା ଏତେ ଅଧିକ ଥିଲା ଯେ,ବେଳେବେଳେ ତାଙ୍କୁ ଶିକ୍ଷାଦାନ କରୁଥିବା ଶିକ୍ଷକ ,ସମାଧାନ କରିପାରୁନଥିବା ଗଣିତ ତାଙ୍କଠାରୁ ବୁଝୁଥିଲେ ଏବଂ କହୁଥିଲେ ସତ୍ୟ ଆମେ ତୁମର ଗୁରୁ ନୁହେଁ,ତୁମେ ଆମର ଗୁରୁ ।କୌଣସି ଗଣିତର ସମାଧାନ ନହେବା ପର୍ଯ୍ୟନ୍ତ ,ସେ ଖାଇବା ପିଇବା ଭୁଲି ଯାଉଥିଲେ ।ଭଉଣୀ ମାନେ ଶ୍ରଦ୍ଧା ବଶତଃ ତାଙ୍କ ସାଙ୍ଗରେ ସବୁବେଳେ ଲାଗୁ ଥିବାରୁ,ସେ ଅନେକ ସମୟରେ ଆତ୍ମଗୋପନ କରୁଥିଲେ । ଏକଦା ସତ୍ୟଙ୍କୁ ଘରେ ନପାଇ,ତାଙ୍କ ଭଉଣୀ ମାନେ ଚାରିଆଡେ ଖୋଜିବା ପରେ ତାଙ୍କୁ ନପାଇ, କନ୍ଦାକଟା ଆରମ୍ଭ କରିଦେଲେ ।କିଛି ସମୟ ପରେ ଘରର ସଂଘା ଉପରୁ ତାଳି ମାଡ ସହ ଏକ ଆନନ୍ଦର ଚିତ୍କାର ଶୁଭିଲା ।କୋଳାହଳରୁ ଦୁରେଇ ଯାଇ ସତ୍ୟ ଏକ କ୍ଲିଷ୍ଟ ଗଣିତର ସମାଧାନରେ ବ୍ୟସ୍ତ ଥିଲେ,ସହଜ ସମାଧାନ ହୋଇଯିବା ପରେ ସେ ଆନନ୍ଦରେ ଚିତ୍କାର କରି ଉଠିଥିଲେ ।ତାଙ୍କ ଚିତ୍କାର ,ଭଉଣୀ ମାନଙ୍କୁ ତାଙ୍କ ଅବସ୍ଥିତି ସଂପର୍କରେ ସୂଚନା ପ୍ରଦାନ କରିଥିଲା ।ସେମାନେ କ୍ରୋଧ ରେ ସତ୍ୟଙ୍କୁ ତଳକୁ ଓହ୍ଲାଇ ଗାଳିଗୁଲଜ କରିବା ସହିତ,ତାଙ୍କ କାନ ମୋଡି ଦେଇଥିଲେ । ଏହା ସତ୍ୟଙ୍କୁ ଭୀଷଣ ଭାବରେ ମାନସିକ ଆଘାତ ଦେଇଥିଲା । ସେ କିଛି ଦିନ ପର୍ଯ୍ୟନ୍ତ ଭଉଣୀ ମାନଙ୍କ ସହିତ କଥାବାର୍ତା ବନ୍ଦ କରି ଦେଇଥିଲେ ।ସତ୍ୟେନ୍ଦ୍ର ପ୍ରେସିଡେନସି କଲେଜ୍‌ରେ ବି.ଏସ୍.ସି ପଢିବା ସମୟରେ,ପ୍ରଖ୍ୟାତ ବ୍ୟକ୍ତିତ୍ୱ ମେଘନାଦ ଶାହାଙ୍କ ସଂସ୍ପର୍ଶରେ ଆସିଥିଲେ ।ଏହି ସଂପର୍କ ତାଙ୍କ ଜୀବନର ଗତିପଥକୁ ବଦଳାଇ ଦେଇଥିଲା ।ଏମ୍.ଏସ୍.ସି. ଶିକ୍ଷା ସମାପ୍ତି ପରେ ୧୯୧୬ ମସିହାରେ କଲିକତା ବିଶ୍ୱ ବିଦ୍ୟାଳୟର ,ଏକ ବିଜ୍ଞାନ ମହାବିଦ୍ୟାଳୟରେ ସେ ପଦାର୍ଥ ବିଜ୍ଞାନର ଅଧ୍ୟାପକ ରୂପେ ତାଙ୍କର କର୍ମମୟ ଜୀବନ ଆରମ୍ଭ କରିଥିଲେ ।ସେହି ସମୟରେ ବନ୍ଧୁ ମେଘନାଦ ଶାହାଙ୍କ ସହଯୋଗରେ, “ମ୍ୟାକସ୍ ପ୍ଲାଙ୍କଙ୍କ କାଂଟମ ତତ୍ତ୍ୱ ଓ ଆଲବର୍ଟ ଆଇନିଷ୍ଟାଇନ୍‌ଙ୍କ ଆପେକ୍ଷିକ ତତ୍ତ୍ୱ“ନାମକ ଦୁଇଗୋଟି ଉପାଦେୟ ତତ୍ତ୍ୱ ଆବିଷ୍କାର କରିଥିଲେ,ଯାହାକି ବିଂଶ ଶତାବ୍ଦୀରେ,ବିଜ୍ଞାନ ଜଗତରେ ଏକ ଯୁଗାନ୍ତକାରୀ ଏବଂ ଶ୍ରେଷ୍ଠ ତତ୍ତ୍ୱ ହିସାବରେ ପରିଗଣିତ ହେଲା ।ତାଙ୍କ ଦ୍ୱାରା ରଚିତ“ବୋଷ ଆଇନ୍‌ଷ୍ଟାଇନ୍ ଷ୍ଟାଟିସ୍‌ଟିକସ୍“ ନିବନ୍ଧଟି ଆଇନ୍‌ଷ୍ଟାଇନ୍‌ଙ୍କ ଦ୍ୱାରା ଅନୁମୋଦିତ ହୋଇ,ଜର୍ମାନ ଦେଶର ଏକ ପ୍ରସିଦ୍ଧ ବିଜ୍ଞାନ ପତ୍ରିକାରେ ପ୍ରକାଶିତ ହୋଇଥିଲା ।ବୈଜ୍ଞାନିକ ଗବେଷଣା ସାଙ୍ଗକୁ,ସାହିତ୍ୟ କ୍ଷେତ୍ରରେ ମଧ୍ୟ ,ସେ ତାଙ୍କର ପ୍ରତିଭା ପ୍ରଦର୍ଶିତ କରିଥିଲେ । ଜର୍ମାନୀ ଭାଷା ଶିକ୍ଷା ସାଙ୍ଗରେ,“ସବୁଜ ପତ୍ର“ ନାମରେ ଏକ ସାହିତ୍ୟିକ ଅନୁଷ୍ଠାନ ତିଆରି କରିଥିଲେ, ଯାହାକି ସେ ସମୟର କଲିକତାରେ ଏକ ଅଗ୍ରଣୀ ସାହିତ୍ୟ ସଂସ୍ଥା ଭାବରେ କାର୍ଯ୍ୟ କରୁଥିଲା । “ବିଜ୍ଞାନ ପରିଚୟ ଓ ଜ୍ଞାନ ବିଜ୍ଞାନ“ନାମକ ଦୁଇଟି ବିଜ୍ଞାନ ପତ୍ରିକାର ସଂପାଦନା ଦାୟୀତ୍ୱ ମଧ୍ୟ,ସେ ତୁଲାଉଥିଲେ ।ଜୀବଦଶା ମଧ୍ୟରେ ସେ ବହୁତ ଅନୁଷ୍ଠାନ ଏବଂ ସରକାରଙ୍କ ଦ୍ୱାରା ସମ୍ମାନୀତ ଏବଂ ସମ୍ବର୍ଦ୍ଧିତ ହୋଇଥିଲେ ।୧୯୪୮ ରେ ସେ “ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନସ୍“ର ଚେୟାରମ୍ୟାନ ରୁପେ ଅବସ୍ଥାପିତ ହୋଇ ,ଇନୋସ୍କୋରେ ଭାରତର ପ୍ରତିନିଧିତ୍ୱ କରିଥିଲେ ।୧୯୫୬ ରୁ ୧୯୫୮ ଦୁଇବର୍ଷ ବିଶ୍ୱଭାରତୀର କୁଳପତି ଦାୟିତ୍ୱ ତୁଲାଇଥିଲେ । ଭାରତୀୟ ବିଜ୍ଞାନ କଂଗ୍ରେସର ସଭାପତି ଥିଲେ ।ବିଶିଷ୍ଟ ବୈଜ୍ଞାନିକ ଭାବରେ ,ମେଘନାଦ ସାହା ସ୍ୱର୍ଣପଦକ ପାଇଥିଲେ ଏବଂ ଭାରତ ସରକାରଙ୍କ ଦ୍ୱାରା ପଦ୍ମଭୂଷଣ ଉପାଧି ପ୍ରାପ୍ତ ହୋଇଥିଲେ । ୧୯୫୬ ରୁ ୧୯୫୮ ବିଜ୍ଞାନ କ୍ଷେତ୍ରରେ ପାରିଦର୍ଶିତା ପାଇଁ ରାଜ୍ୟସଭାକୁ ମନୋନୀତ ହୋଇଥିଲେ । ୧୯୫୮ ରେ ତାଙ୍କୁ ନ୍ୟାସନାଲ୍ ପ୍ରଫେସର୍ ରୂପେ ସମ୍ମାନିତ କରାଯାଇଥିଲା ।“ବୋଷ ଆଇନ୍‌ଷ୍ଟାଇନ୍ ଷ୍ଟାଟିସ୍‌ଟିକସ୍“ ନିବନ୍ଧଟିର ପଚାଶ ବର୍ଷ ପୂର୍ତି ଉପଲକ୍ଷେ ୧୯୭୪ ମସିହା ଜାନୁୟାରୀ ୧୦ ତାରିଖ ଦିନ,ଏହି ମହାନ୍ ବୈଜ୍ଞାନିକଙ୍କୁ ସାରା ଦେଶରେ ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଥିଲା । କିନ୍ତୁ ଦୁଃଖର କଥା ଏହାର ମାତ୍ର ଅଳ୍ପ କେତେଦିନ ପରେ ,ଫେବୃୟାରୀ ଚାରି ତାରିଖ ଦିନ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଦେଇ, ଭାରତର ବିଜ୍ଞାନାକାଶରୁ ,ଏକ ଉଜ୍ଜଳ ନକ୍ଷତ୍ର ଅସ୍ତମିତ ହୋଇଗଲା ।ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିବା, ଭାରତ ମାତାର ଏହି ସୁଯୋଗ୍ୟ ସନ୍ତାନ,ଶୋଇଗଲେ ଚିର ନିଦ୍ରାରେ ।ଆଜି ତାଙ୍କର ମହାପ୍ରୟାଣ ଦିବସରେ,ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି, ତାଙ୍କ ପରି ପ୍ରଚଣ୍ଡ ପ୍ରତିଭାଧାରୀ ବ୍ୟକ୍ତି, ବାରମ୍ବାର ଆମ ଦେଶ ମାତୃକାର କୋଳମଣ୍ଡନ କରନ୍ତୁ,ଏହାହିଁ ଆମର ଈଶ୍ୱରଙ୍କ ନିକଟରେ ନିବେଦନ ।

# ମହାରାଷ୍ଟ୍ରରୁ ଶିମିଳିପାଳ : ବାଘର ଅସ୍ତିତ୍ୱ

ନିକଟରେ ବିଭିନ୍ନ ଗଣମାଧମର ଶିରୋନାମା ପାଲଟିଥିଲା ଏକ ୩-୪ ବର୍ଷର ଯୁବ ଅଣ୍ଡିରା ବାଘର କାହାଣୀ, ଯିଏ ପ୍ରାୟ ୧୫୦୦ କି.ମି. ପଥ ଅତିକ୍ରମ କରି ମହାରାଷ୍ଟ୍ରରୁ ଆସି ଓଡ଼ିଶାର ଶିମିଳିପାଳ ଅଭୟାରଣ୍ୟରେ ପହଂଚିଛି । ଜଣେ ଯୁବ ବାଘ ଏତେଦୂର କାହିଁକି ଏବଂ କେମିତି ଆସିଲା, ତାହା ବୁଝିବା ପାଇଁ ବାଘର ପ୍ରକୃତି, ଅଭ୍ୟାସ ଏବଂ ବାସସ୍ଥାନ ସମ୍ପର୍କରେ ଜାଣିବା ଜରୁରି । ବାଘଛୁଆମାନେ ଜନ୍ମରୁ ପ୍ରାୟ ଦୁଇରୁ ଅଢ଼େଇ ବର୍ଷ ପର୍ଯ୍ୟନ୍ତ ମା’ ସହିତ ରହନ୍ତି । ଏହି ସମୟ ମଧ୍ୟରେ ସେମାନେ ଶିକାର କରିବାର ସମସ୍ତ କୌଶଳ ଶିଖିଥାନ୍ତି: ପ୍ରଥମେ ମା’ ବାଘୁଣୀ ଶିକାର ମାରି ଛୁଆଙ୍କ ପାଖକୁ ଆଣିଥାଏ । ପରବର୍ତ୍ତୀ ସମୟରେ ଛୁଆମାନେ ମା’ ସହ ମିଶି ଶିକାର କରନ୍ତି । ବେଳେବେଳେ ମା’ ଶିକାରକୁ ଅଧା ମାରି ଛୁଆଙ୍କୁ ବାକି ଅଂଶ ସମ୍ପୂର୍ଣ୍ଣ କରିବାକୁ ଦାୟିତ୍ୱ ଦିଏ, ଯାହାଦ୍ୱାରା ସେମାନେ ସ୍ୱାଧୀନ ଭାବେ ଶିକାର କରିବାକୁ ସକ୍ଷମ ହୁଅନ୍ତି । ଯେତେବେଳେ ଏକ ବାଘ ପ୍ରାୟ ୨୪ମାସର ହୋଇଯାଏ ଏବଂ ନିଜେ ଶିକାର କରିବାରେ ଦକ୍ଷ ହୁଏ, ସେତେବେଳେ ମା’ ବାଘୁଣୀ ତାକୁ ନିଜଠାରୁ ଦୂରେଇ ଦିଏ । ବାରମ୍ବାର ଆକ୍ରମଣ କରି ମା’ ତାକୁ ନିଜର ଏକ ନୂଆ ଇଲାକା ଖୋଜିବାକୁ ବାଧ କରେ । ଗୋଟିଏ ମାଈ ବାଘ ପାଇଁ ପ୍ରାୟ ୧୫-୨୦ ବର୍ଗ କିଲୋମିଟର ଅଂଚଳ ଯଥେଷ୍ଟ ହୋଇଥାଏ । କିନ୍ତୁ ଏକ ଅଣ୍ଡିରା ବାଘକୁ ପ୍ରାୟ ୧୦୦ ବର୍ଗ କିଲୋମିଟର ଅଂଚଳ ଦରକାର ପଡ଼ିଥାଏ, କାରଣ ସେ ନିଜ ଅଧୀନରେ ୪-୫ଟି ମାଈ ବାଘଙ୍କ ସହ ସମ୍ପର୍କ ରଖିବାକୁ ଚାହେଁ । ଏକ ଉପଯୁକ୍ତ ଇଲାକାରେ ତିନିଟି ଜିନିଷ ରହିବା ଆବଶ୍ୟକ– ନିରାପଦ ଆଶ୍ରୟ, ପ୍ରଚୁର ଖାଦ୍ୟ (ଶିକାର) ଏବଂ ଜଳାଶୟ । ଅଣ୍ଡିରା ବାଘମାନେ ସାଧାରଣତଃ ନୂଆ ଅଂଚଳ ଦଖଲ କରିବାକୁ ଯାଇ ପୁରୁଣା ଶକ୍ତିଶାଳୀ ବାଘଙ୍କ ସହ ସଂଘର୍ଷ କରନ୍ତି । ଅନେକ ସମୟରେ ଏହି ଲଢ଼େଇ ଭୟଙ୍କର ରୂପ ନିଏ । ମୃତ୍ୟୁବରଣ କରୁଥିବା ଅଧିକାଂଶ ବାଘ ସେହି ଯୁବ ବାଘ ହୋଇଥାନ୍ତି, ଯେଉଁମାନେ ନିଜ ଜନ୍ମସ୍ଥାନ ଛାଡ଼ି ନୂଆ ଘର ଖୋଜୁଥାନ୍ତି । ମହାରାଷ୍ଟ୍ରର ଚନ୍ଦ୍ରପୁର (ଟଡୋବା) ଅଂଚଳରେ ବର୍ତ୍ତମାନ ୩୦୦ରୁ ଅଧିକ ବାଘ ଅଛନ୍ତି । ଏତେସଂଖ୍ୟକ ବାଘ ଥିବାରୁ ସେଠାରେ ପ୍ରତ୍ୟେକ ଇଲାକା ଶକ୍ତିଶାଳୀ ବାଘଙ୍କ ଦ୍ୱାରା ଅକ୍ତିଆର ହୋଇସାରିଛି । ଏହି ଯୁବ ବାଘଟି (୩-୪ ବର୍ଷ) ସେଠାରେ ନିଜର ସ୍ଥାନ ପାଇବାରେ ବିଫଳ ହୋଇଥାଇପାରେ । ଟଡୋବାରେ ଅତ୍ୟଧିକ ଭିଡ଼ ଯୋଗୁଁ ସେଠାରୁ ବାହାରି ଆସିବା ତା’ପାଇଁ ବୋଧହୁଏ ଅନିର୍ଯ୍ୟାପ୍ତ ଥିଲା । ଜଙ୍ଗଲରୁ ଜଙ୍ଗଲ ସଂଯୋଗ ଥିବା ଛତିଶଗଡ଼ ଦେଇ ଏହି ଯୁବ ବାଘଟି ଶିମିଳିପାଳ ପର୍ଯ୍ୟନ୍ତ ପହଂଚିଛି ବୋଲି ଧାରଣା ହୁଏ । ଓଡ଼ିଶାର ଅନେକ ଜଙ୍ଗଲ ଭଳି ଛତିଶଗଡ଼ରେ ମଧ ବାଘ ଓ ଶିକାର ପଶୁ ସଂଖ୍ୟା ବହୁତ କମ୍ । ତେଣୁ ଛତିଶଗଡ଼ରେ ଶିକାରର ଅଭାବ ଥିବାରୁ ସେ ଆହୁରି ଆଗକୁ ଚାଲିଥିଲା । ଶିମିଳିପାଳରେ ପ୍ରଚୁର ଖାଦ୍ୟ ଏବଂ ମାଈ ବାଘ ଥିବାରୁ ଏହା ତାକୁ ଆକର୍ଷିତ କରିଛି । ଜଣେ ଅଣ୍ଡିରା ବାଘ ନିଜ ଇଲାକା ଜଗିବା ପାଇଁ ଗୋଟିଏ ରାତିରେ ପ୍ରାୟ ୧୦୦ କିଲୋମିଟର ପର୍ଯ୍ୟନ୍ତ ଚାଲିପାରେ । ତେଣୁ ନୂଆ ବାସସ୍ଥାନ ପାଇଁ ୧୫୦୦ କିଲୋମିଟର ପଥ ଅତିକ୍ରମ କରିବା ତା’ ପାଇଁ ଅସମ୍ଭବ ନୁହେଁ । ଏହି ଯାତ୍ରା ପ୍ରମାଣିତ କରେ ଯେ, ବନ୍ୟପ୍ରାଣୀମାନେ ନିଜର ଅସ୍ତିତ୍ୱ ଏବଂ ବଂଶବୃଦ୍ଧି ପାଇଁ କେତେ ସଂଘର୍ଷ କରିପାରନ୍ତି । ଶିମିଳିପାଳର ଘଂଚଜଙ୍ଗଲ ଏବଂ ଅନୁକୂଳ ପରିବେଶ ଏହି ଯୁବ ଅତିଥି ପାଇଁ ଏକ ନୂଆ ଭବିଷ୍ୟତ ନେଇଆସିଛି । କିନ୍ତୁ ଓଡ଼ିଶାରେ ବ୍ୟାଘ୍ରସଂଖ୍ୟା ହ୍ରାସପାଇବା କିମ୍ବା ଆଶାଜନକ ଭାବେ ବୃଦ୍ଧିନହେବା ଏବେ ଏକ ଗମ୍ଭୀର ଚିନ୍ତାର ବିଷୟ । ଭାରତର ଅନ୍ୟାନ୍ୟ ରାଜ୍ୟ ଯଥାମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ କର୍ଣ୍ଣାଟକରେ ବାଘସଂଖ୍ୟା ଦ୍ରୁତଗତିରେ ବଢୁଥିବାବେଳେ ଓଡ଼ିଶାର ଭୌଗୋଳିକ ସ୍ଥିତି ଏବଂ ପ୍ରଚୁର ଜଙ୍ଗଲ ସତ୍ତ୍ୱେ ଏଠାରେ ସ୍ଥିତି ଭିନ୍ନ । ଓଡ଼ିଶାରେ ବାଘବଂଶ ବୃଦ୍ଧି ନହେବାର ସବୁଠାରୁ ବଡ଼ କାରଣ ହେଉଛି ଶିକାର । ବିଶେଷକରି ଶିମିଳିପାଳ ଏବଂ ସାତକୋଶିଆ ଭଳି ଅଭୟାରଣ୍ୟରେ ଶିକାରୀମାନେ ବାଘ ଏବଂ ସେମାନଙ୍କର ଖାଦ୍ୟ (ହରିଣ, ବରାହ) କୁ ଶିକାର କରୁଛନ୍ତି । ବାଘର ଚମଡ଼ା, ନଖ ଓ ହାଡ଼ ପାଇଁ ଅନ୍ତର୍ଜାତୀୟ ବଜାରରେ ଥିବା ଚାହିଦା ଯୋଗୁଁ ଚୋରା ଚାଲାଣକାରୀମାନେ ସକ୍ରିୟ ରହୁଛନ୍ତି । ଓଡ଼ିଶାରେ ବାଘସଂଖ୍ୟା ବୃଦ୍ଧି ନହେବାର ମଧ ଆଉ ଏକ ମୁଖ୍ୟ କାରଣ ହେଉଛି ଖାଦ୍ୟାଭାବ । ଜଣେ ବୟସ୍କ ବାଘପାଇଁ ବର୍ଷକୁ ପ୍ରାୟ ୫୦ରୁ ୬୦ଟି ବଡ଼ ପଶୁ (ଶମ୍ବର, ହରିଣ, ବରାହ) ଖାଦ୍ୟଭାବେ ଆବଶ୍ୟକ । କିନ୍ତୁ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମବାସୀମାନେ ନିଜର ଖାଦ୍ୟପାଇଁ ଏହି ବନ୍ୟଜନ୍ତୁମାନଙ୍କୁ ଶିକାର କରିବା ଫଳରେ ବାଘମାନଙ୍କ ପାଇଁ ଖାଦ୍ୟସଙ୍କଟ ଦେଖାଦେଉଛି । ଖାଦ୍ୟ ଅଭାବରୁ ବାଘଙ୍କ ପ୍ରଜନନ କ୍ଷମତା ହ୍ରାସପାଏ ଏବଂ ସେମାନେ ଜନବସତି ଆଡ଼କୁ ମୁହାଁନ୍ତି । ଅନେକ ସମୟରେ ବାଘ ଗୋରୁ ମାରିଲେ ଗ୍ରାମବାସୀମାନେ ପ୍ରତିଶୋଧପରାୟଣ ହୋଇ ବିଷ ଦେଇ ବାଘକୁ ମାରିଦେବାର ନଜିର ରହିଛି । ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରେ ମଧ୍ୟପ୍ରଦେଶରୁ ଅଣାଯାଇଥିବା ବାଘ (ମହାବୀର ଓ ସୁନ୍ଦରୀ)ଙ୍କ ସ୍ଥାନାନ୍ତରଣ ପ୍ରକ୍ରିୟା ସଫଳ ହୋଇପାରିଲା ନାହିଁ । ଏହାର ମୁଖ୍ୟ କାରଣ ଥିଲା ସ୍ଥାନୀୟ ଲୋକଙ୍କ ବିରୋଧ ଏବଂ ବାଘଙ୍କ ସୁରକ୍ଷା ପାଇଁ ଉପଯୁକ୍ତ ପ୍ରସ୍ତୁତିର ଅଭାବ । ଏହିସବୁ ସମସ୍ୟା ସମାଧାନର ପଥଗୁଡ଼ିକ ହେଲା : ଆଧୁନିକ ପ୍ରଯୁକ୍ତିବିଦ୍ୟା ଯଥା- ଡ୍ରୋନ ଏବଂ ସ୍ମାର୍ଟ ପାଟ୍ରୋଲିଂ ଜରିଆରେ ଶିକାରୀଙ୍କ ଉପରେ ନଜର ରଖିବା । ବିଭିନ୍ନ ଜଙ୍ଗଲ ମଧ୍ୟରେ ଥିବା ଯୋଗାଯୋଗ ପଥ ବା ‘କରିଡୋର’କୁ ସୁରକ୍ଷିତ ରଖିବା, ଯଦ୍ଦ୍ୱାରା ବାଘ ଗୋଟିଏ ଜଙ୍ଗଲରୁ ଅନ୍ୟ ଜଙ୍ଗଲକୁ ସହଜରେ ଯାଇପାରିବେ ଏବଂ ବଂଶବୃଦ୍ଧି ହୋଇପାରିବ । ଅଭୟାରଣ୍ୟର କୋର ଏରିଆରୁ ଗ୍ରାମଗୁଡ଼ିକୁ ସମ୍ମାନଜନକ ଭାବେ ଅନ୍ୟତ୍ର ସ୍ଥାନାନ୍ତର କରିବା । ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଲୋକଙ୍କୁ ବାଘ ସଂରକ୍ଷଣର ଲାଭ ବିଷୟରେ ବୁଝାଇବା ଏବଂ ସେମାନଙ୍କୁ ‘ବନ୍ୟଜନ୍ତୁ ବନ୍ଧୁ’ ଭାବେ ଗଢ଼ିତୋଳିବା । ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ‘ଇକୋ ଟୁରିଜିମ’ ବା ପର୍ଯ୍ୟଟନକୁ ଏକ ସୁରକ୍ଷା କବଚ ଭାବେ ବ୍ୟବହାର କରାଯାଇପାରିବ, ଯାହା ଅନ୍ୟ ରାଜ୍ୟମାନଙ୍କରେ ସଫଳ ହୋଇଛି । ସଫାରୀ ହେଉଛି ଏକ ପ୍ରାକୃତିକ ନିରୀକ୍ଷଣ ବ୍ୟବସ୍ଥା । ଓଡ଼ିଶାରେ ଉତ୍କୃଷ୍ଟ ଧରଣର ସଫାରୀର ଆବଶ୍ୟକତା ଏବଂ ଏହାର ଉପକାରିତା ବିଷୟରେ କିଛି ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା ଯେଉଁ ଅଂଚଳରେ ନିୟମିତ ସଫାରୀ ଗାଡ଼ି ଚଳାଚଳ କରେ, ସେଠାରେ ଶିକାରୀମାନେ ପ୍ରବେଶ କରିବାକୁ ଭୟ କରନ୍ତି । ସକାଳ ଓ ସନ୍ଧ୍ୟାରେ ପର୍ଯ୍ୟଟକ, ଗାଇଡ୍ ଏବଂ ଚାଳକମାନଙ୍କ ନିରନ୍ତର ଉପସ୍ଥିତି ଜଙ୍ଗଲ ଭିତରେ ଏକପ୍ରକାର ‘ସାମାଜିକ ପୋଲିସିଂ’ ଭଳି କାମ କରେ । ଶିକାରୀମାନେ ସାଧାରଣତଃ ନିଛାଟିଆ ସ୍ଥାନ ଖୋଜନ୍ତି । ପର୍ଯ୍ୟଟନ ଚାଲିଥିବା ଅଂଚଳରେ ସେମାନଙ୍କର ଗତିବିଧି ଧରାପଡ଼ିଯିବାର ସମ୍ଭାବନା ଅଧିକ ଥାଏ । ସଫାରୀ ପାଇଁ ଜଙ୍ଗଲ ଭିତରେ ରାସ୍ତାଗୁଡ଼ିକର ରକ୍ଷଣାବେକ୍ଷଣ କରାଯାଏ । ଏହାଦ୍ୱାରା ବନ ବିଭାଗ କର୍ମଚାରୀମାନେ ଅତିଶୀଘ୍ର ଜଙ୍ଗଲର ଗଭୀର ଅଂଚଳକୁ ପହଂଚି ପାରନ୍ତି । ପର୍ଯ୍ୟଟନ ଋତୁରେ ବନ କର୍ମଚାରୀମାନଙ୍କୁ ଅଧିକ ସତର୍କ ରହିବାକୁ ପଡ଼ିଥାଏ, ଯାହା ପରୋକ୍ଷରେ ବାଘମାନଙ୍କୁ ସୁରକ୍ଷା ଦିଏ । ଅନ୍ୟ ରାଜ୍ୟ ମହାରାଷ୍ଟ୍ର, କର୍ଣ୍ଣାଟକ ଓ ମଧ୍ୟପ୍ରଦେଶର କାହ୍ନା ବା ବାନ୍ଧବଗଡ଼ରେ ବାଘସଂଖ୍ୟା ବଢ଼ିବାର ଏକ ବଡ଼ କାରଣ ହେଉଛି ପର୍ଯ୍ୟଟନ । ଯେତେବେଳେ ସ୍ଥାନୀୟ ଯୁବକମାନେ ଗାଇଡ୍ କିମ୍ବା ଡ୍ରାଇଭର ଭାବେ ରୋଜଗାର କରନ୍ତି, ସେମାନେ ବୁଝିପାରନ୍ତି ଯେ ‘ବାଘ ବଂଚିଲେ ହିଁ ଆମର ଜୀବିକା ବଂଚିବ’ । ଏହାଦ୍ୱାରା ସେମାନେ ଶିକାରୀଙ୍କ ବିଷୟରେ ଖବର ଦିଅନ୍ତି ଏବଂ ଜଙ୍ଗଲ ନିଆଁ ଭଳି ସମସ୍ୟା ରୋକିବାରେ ସାହାଯ୍ୟ କରନ୍ତି । ଓଡ଼ିଶାରେ ସ୍ଥିତି ଓ ସମ୍ଭାବନା : ଯଦିଓ ଓଡ଼ିଶାରେ ଶିମିଳିପାଳ ଏବଂ ସାତକୋଶିଆରେ ସଫାରୀ ବ୍ୟବସ୍ଥା ଅଛି, କିନ୍ତୁ ଅନ୍ୟ ରାଜ୍ୟ ତୁଳନାରେ ଏହା ଏତେ ବ୍ୟାପକ ବା ବୃତିଗତ ନୁହେଁ । ସାତକୋଶିଆରେ ବାଘସଂଖ୍ୟା ଶୂନ୍ୟକୁ ଖସିଆସିବା ପରେ ପୁଣି ଥରେ ବାଘ ସଂରକ୍ଷଣ ପାଇଁ ଉଦ୍ୟମ ଚାଲିଛି । ଏଠାରେ ଯଦି ପର୍ଯ୍ୟଟନକୁ ବ୍ୟବସ୍ଥିତ କରାଯାଏ, ତେବେ ବାଘଙ୍କ ସୁରକ୍ଷା ବଢ଼ିବ ନିଶ୍ଚୟ । ଦେବ୍ରୀଗଡ଼ ଅଭୟାରଣ୍ୟରେ ଏବେ ସଫାରୀ ଏବଂ ସଂରକ୍ଷଣ କ୍ଷେତ୍ରରେ ଏକ ଭଲ ମଡେଲ ଭାବେ ଉଭା ହୋଇଛି ଯାହା ଅନ୍ୟମାନେ ଏହାକୁ ଏକ ଉଦାହରଣ ଭାବେ ଗ୍ରହଣ କରିପାରିବେ । ଓଡ଼ିଶାରେ ‘ଉତ୍କୃଷ୍ଟ ଧରଣର ସଫାରୀ’ କହିଲେ ଏପରି ଏକ ବ୍ୟବସ୍ଥାକୁ ବୁଝାଏ, ଯେଉଁଠି ପର୍ଯ୍ୟଟନ ହେବ, କିନ୍ତୁ ବନ୍ୟପ୍ରାଣୀଙ୍କ ଶାନ୍ତି ଭଙ୍ଗ ହେବନାହିଁ । ନିଶ୍ଚିତ ଭାବେ, ଯଦି ସରକାର ଅଧିକ ‘ଟାଇଗର ସଫାରୀ’ ଏବଂ କଠୋର ନିରୀକ୍ଷଣ ବ୍ୟବସ୍ଥା କରନ୍ତି, ତେବେ ଶିକାରୀଙ୍କ ପ୍ରାଦୁର୍ଭାବ କମିବ ଏବଂ ବାଘସଂଖ୍ୟା ବୃଦ୍ଧିପାଇବ । ଶିମିଳିପାଳ ଅଭୟାରଣ୍ୟ କେବଳ ଓଡ଼ିଶା ନୁହେଁ, ବରଂ ସାରା ଭାରତର ଏକ ଗୌରବ । ଏହା ଏସିଆର ଦ୍ୱିତୀୟ ବୃହତମ ଜୈବମଣ୍ଡଳ ଏବଂ ଓଡ଼ିଶାର ବ୍ୟାଘ୍ର ସଂରକ୍ଷଣର ମୁଖ୍ୟ କେନ୍ଦ୍ର । ତେଣୁ ଶିମିଳିପାଳରେ ହିଁ ସଫାରୀ ଏବଂ ସୁରକ୍ଷା ବ୍ୟବସ୍ଥାର ସବୁଠାରୁ ବଡ଼ ପରୀକ୍ଷାଶାଳା ହେବା ଉଚିତ । ଶିମିଳିପାଳ ହେଉଛି ବିଶ୍ୱର ଏକମାତ୍ର ସ୍ଥାନ ଯେଉଁଠାରେ ପ୍ରାକୃତିକ ପରିବେଶରେ କଳାବାଘ ଦେଖାଯାନ୍ତି । ଏହି ବାଘମାନଙ୍କ ଶରୀରରେ କଳା ପଟା ଦାଗଗୁଡ଼ିକ ଅଧିକ ମୋଟା ଏବଂ ପରସ୍ପର ସହ ମିଶି ରହିଥାଏ । ଏହି ଦୁର୍ଲଭ ପ୍ରଜାତିର ବାଘଙ୍କ ସଂରକ୍ଷଣ ପାଇଁ ଶିମିଳିପାଳର ଗୁରୁତ୍ୱ ଅପରିସୀମ । କିନ୍ତୁ ଶିମିଳିପାଳ ଏତେବଡ଼ ଜଙ୍ଗଲ ଯେ ଏହାର ପ୍ରତିଟି କୋଣକୁ ସୁରକ୍ଷା ଦେବା ବନ ବିଭାଗ ପାଇଁ କଷ୍ଟକର । ତେଣୁ ଯଦି ଶିମିଳିପାଳର କୋର ଏରିଆ ବାହାରେ ଏବଂ ବଫର ଜୋନ୍‌ରେ ଅଧିକ ସୁବ୍ୟବସ୍ଥିତ ସଫାରୀ କରାଯାଏ, ତେବେ ଶିକାରୀଙ୍କ ପାଇଁ ଜଙ୍ଗଲରେ ପ୍ରବେଶ କରିବା କଷ୍ଟକର ହେବ । ବର୍ତ୍ତମାନ ଶିମିଳିପାଳରେ ସୀମିତ ସଫାରୀ ରୁଟ୍ ରହିଛି । ଏହାକୁ ଯଦି ବୃତିଗତ ଭାବେ ବଢ଼ାଯାଏ, ତେବେ ପର୍ଯ୍ୟଟକଙ୍କ ସମାଗମ ଯୋଗୁଁ ବନ କର୍ମଚାରୀମାନେ ଅଧିକ ସକ୍ରିୟ ରହିବେ । ସଫାରୀ ଗାଡ଼ିଗୁଡ଼ିକରେ ୱାୟରଲେସ୍ ସେଟ୍ ଏବଂ ଜିପିଏସ୍ ରହିଲେ ବନ ବିଭାଗର ‘ଇଂଟେଲିଜେନ୍ସ ନେଟୱାର୍କ’ ଶକ୍ତିଶାଳୀ ହେବ । ଏହାଦ୍ୱାରା ମଧ ସରକାର ଯଦି ବୃତିଗତ ଟାଇଗର ସଫାରୀ ଏବଂ କଠୋର ନିରୀକ୍ଷଣ ବ୍ୟବସ୍ଥା କରନ୍ତି, ତେବେ ଶିକାରୀଙ୍କ ପ୍ରାଦୁର୍ଭାବ କମିବ । କେବଳ ସରକାରୀ ପ୍ରଚେଷ୍ଟା ନୁହେଁ, ବରଂ ଜନସାଧାରଣ ଏବଂ ପରିବେଶବିତ୍‌ଙ୍କ ମିଳିତ ସହଯୋଗରେ ହିଁ ଓଡ଼ିଶାର ଜଙ୍ଗଲ ପୁଣି ବାଘ ଗର୍ଜନରେ ପ୍ରକମ୍ପିତ ହେବ ।

# ଚକୋଲେଟ୍ ଚାଲ୍ !

ବେଳେବେଳେ ଏକ ସାମାନ୍ୟ ଚକୋଲେଟ୍ କେବଳ ଏକ ସୁମିଷ୍ଟ ସ୍ୱାଦ ବହନ କରି ନ ଥାଏ, ଏହା ମଧ ଏକ ରାଷ୍ଟ୍ରର ଜାତୀୟ ଆତ୍ମବିଶ୍ୱାସ, ଅର୍ଥନୈତିକ ଉଚ୍ଚାଶା ଓ କୂଟନୈତିକ ଉଷ୍ମତାର ମିଳିତ ସ୍ୱାଦ ବହନ କରିଥାଏ- ଯେମିତି ‘ମେଲୋଡି’ କରିଛି । ସାଂପ୍ରତିକ ପୃଥିବୀ ଯେତେବେଳେ ଘୃଣା, ଅବିଶ୍ୱାସ, ସନ୍ଦେହ ଓ ଯୁଦ୍ଧର ଆବର୍ତରେ ଘାଂଟି ହେଉଛି, ଏଭଳି ନୈରାଶ୍ୟଜନକ ପରିବେଶରେ ସେତେବେଳେ ଦୁଇଟି ପ୍ରମୁଖ ଦେଶର ନେତାଙ୍କ ମଧରେ ଚକୋଲେଟ୍ ଆଦାନପ୍ରଦାନ ଠାରୁ ଅଧିକ ଆଶାବାଦୀ ମିଠା ଖବର ଆଉ କ’ଣ ହୋଇପାରେ ! ବର୍ଣ୍ଣାଡ୍ ଶ’ଙ୍କର ମନ୍ତ୍ରମୁଗ୍ଧକାରୀ ଆଂଟିରୋମାଂଟିକ୍ କମେଡି ‘ଆର୍ମ ଆଣ୍ଡ ଦି ମ୍ୟାନ୍’ର ପ୍ରଥମ ଅଙ୍କର ଏକ ରୋମାଂଚକର ଦୃଶ୍ୟରେ ନାୟକ ଅନୁଭୂତିସଂପନ୍ନ ପଳାୟମାନ ସୈନିକ କ୍ୟାପ୍‌ଟେନ୍ ବ୍ଲଂସ୍ଲି ଅଧରାତିରେ ଅଚାନକ ଖୋଲା ଝରକା ଦେଇ ନାୟିକା ରେନା ପେଟ୍‌କଫ୍‌ଙ୍କର ଶୟନ କକ୍ଷରେ ପ୍ରବେଶ କରିଛନ୍ତି । ଏହା ପରେ ଉଭୟଙ୍କ ମଧରେ ଚାଲିଥିବା ଦୀର୍ଘ କଥୋପକଥନ ଅବସରରେ ଏଇ ଅନୁଭବୀ ତଥା ବିଚକ୍ଷଣ ଯୋଦ୍ଧା ଜଣକ ଯୁଦ୍ଧ ଓ ବୀରତ୍ୱ ସମ୍ବନ୍ଧରେ ଯେଉଁ ଅସଲ ସତ୍ୟ ସବୁ ଯୁବତୀ ରେନାଙ୍କ ସମ୍ମୁଖରେ ଉନ୍ମୋଚନ କରିଛନ୍ତି, ତାହା ରେନାଙ୍କ ମନରେ ବସା ବାନ୍ଧି ରହିଥିବା ଏ ସମ୍ବନ୍ଧରେ ସମସ୍ତ ପାରମ୍ପରିକ ରୋମାଂଟିକ୍ ଧାରଣା ସବୁକୁ ତାଙ୍କ ଅଜାଣତରେ ସଫା କରିଦେଇ ତାଙ୍କଠାରେ ଏଇ ବାସ୍ତବବାଦୀ ଅପେକ୍ଷାକୃତ ବୟସ୍କ ଯୋଦ୍ଧାଙ୍କ ପ୍ରତି ଅନୁରକ୍ତିର ଉନ୍ମେଷ ଘଟାଇଛି । କ୍ୟାପ୍‌ଟେନ୍ ବ୍ଲଂସ୍ଲି ସେଇ ସମୟରେ ପ୍ରକାଶ କରିଥିବା ଯେଉଁ ଏକ ସ୍ୱୀକାରୋକ୍ତି ରେନାଙ୍କୁ ହତବାକ୍ କରି ଦେଇଥିଲା, ତାହା ହେଲା, ସେ ଯୁଦ୍ଧକୁ ଯିବାବେଳେ ପକେଟ୍‌ରେ ଗୁଳିଗୋଳା ରଖିବା ପରିବର୍ତେ ରଖିଥାନ୍ତି ଚକୋଲେଟ୍ ! ରାଜନୀତି ଓ ଆନ୍ତର୍ଜାତିକ କୂଟନୀତି ଏକ ଯୁଦ୍ଧଠାରୁ କୌଣସି ଗୁଣରେ କମ୍ ନୁହେଁ ଏବଂ ପୃଥିବୀର ବିଭିନ୍ନ ଦେଶରେ ଏଇ ଯୁଦ୍ଧରେ ବ୍ୟାପୃତ ଥିବା ଖୁବ୍ କମ୍ ଯୋଦ୍ଧା ଅଛନ୍ତି ଯେଉଁମାନେ ସେମାନଙ୍କର ଅନୁଭୂତିର ଦୀର୍ଘତା ଓ ବିବିଧତା ଦୃଷ୍ଟିରୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହିତ ତୁଳନୀୟ । ସେଇଥିପାଇଁ ତେଣୁ ପ୍ରଧାନମନ୍ତ୍ରୀ ମୋଦୀ ଯେତେବେଳେ ପକେଟ୍‌ରେ ଏକ ଚକୋଲେଟ୍ ପ୍ୟାକେଟ୍ ଧରି ଇଟାଲୀକୁ ତାଙ୍କର ସର୍ବପ୍ରଥମ ରାଷ୍ଟ୍ରୀୟ ଗସ୍ତରେ ଯାଇ ସେ ଦେଶର ପ୍ରଧାନମନ୍ତ୍ରୀ ସୁଶ୍ରୀ ଜର୍ଜିଆ ମେଲୋନିଙ୍କୁ ତାହା ଉପହାର ଦେଲେ, ପୃଥିବୀ ସାରା ପର୍ଯ୍ୟବେକ୍ଷକମାନଙ୍କୁ ତାହା ଆଶ୍ଚର୍ଯ୍ୟଚକିତ କରି ଦେଇଥିଲେ ହେଁ, ଅଗଣିତ ଶ’ପ୍ରେମୀଙ୍କୁ ତାହା ତିଳେ ହେଲେ ଅସ୍ୱାଭାବିକ ମନେ ହୋଇ ନ ଥିବ । ମୋଦୀଙ୍କର ଏଇ ପଦକ୍ଷେପକୁ ଯାହା ଆହୁରି ଶାଣିତ କରିଥିଲା, ତାହା ହେଉଛି ସେ ମେଲୋନିଙ୍କୁ ଉପହାର ଦେଇଥିବା ଭାରତୀୟ ଚକୋଲେଟ୍ ବହନ କରୁଥିବା ନାମ ‘ମେଲୋଡି’, ଯାହା ହେଉଛି ଉଭୟଙ୍କର ନାମର ଏକ ମିଶ୍ର ରୂପ ଏବଂ ଯାହାକୁ ଅତୀତରେ ନିଜର ଏକ ଟ୍ୱିଟ୍‌ରେ ଖୋଦ୍ ମେଲୋନି ଉଦ୍ଭାବନ କରିଥିଲେ । ଶ’ଙ୍କ ନାଟକରେ କ୍ୟାପ୍‌ଟେନ୍ ବ୍ଲଂସ୍ଲି ଯୁଦ୍ଧ ସଂପର୍କରେ ପାରମ୍ପରିକ ଧାରଣାକୁ ଓଲଟପାଲଟ କରି ଦେଇଥିବା ଭଳି ନରେନ୍ଦ୍ର ମୋଦୀ ତାଙ୍କର ଏଇ ଚକୋଲେଟ୍ ଚାଲ୍ ପ୍ରୟୋଗ କରି କୂଟନୀତିରୁ ବ୍ରାଣ୍ଡିଙ୍ଗ୍ ଓ କୋମଳ ଶକ୍ତି ପ୍ରଦର୍ଶନ ପର୍ଯ୍ୟନ୍ତ ସଂପର୍କରେ ବସା ବାନ୍ଧି ରହି ଆସିଥିବା ଅନେକ ବଦ୍ଧମୂଳ ଧାରଣା ସବୁକୁ ଓଲଟପାଲଟ କରି ଦେଇଛନ୍ତି ବୋଲି କୁହାଯାଇପାରେ । ଯୁଗଯୁଗ ଧରି ଯାହା କୂଟନୀତିର ମୁଖ୍ୟ ଆଧାର ରୂପେ ବ୍ୟବହୃତ ହୋଇ ଆସିଛି, ତାହା ହେଲା ଭବ୍ୟ ମିଳିତ ବିଜ୍ଞପ୍ତି, ଚତୁର ଚୁକ୍ତିନାମା ଏବଂ ରାଜକୀୟ ଭୋଜ୍ୟ ସଭାର ଆୟୋଜନ ଆଦି । କିନ୍ତୁ ଆଜିର ସୋସିଆଲ୍ ମିଡିଆ ଯୁଗରେ ଏବଂ ବ୍ୟକ୍ତି-କୈନ୍ଦ୍ରିକ ରାଜନୀତି ସମୟରେ ସାମାନ୍ୟ ଏକ ଚକୋଲେଟ୍ ଉପହାର ପରି ଏକ ପ୍ରତୀକାତ୍ମକ ଇସାରା ଯେଉଁଭଳି ବିଦ୍ୟୁତ୍ ଗତିରେ ତଥା ଯେତେ ବ୍ୟାପକ ଭାବରେ କେ ?ଣସି ସନ୍ଦେଶର ପ୍ରସାର ଘଟାଇଥାଏ, କୌଣସି ଓଜନଦାର ପାରମ୍ପରିକ କୂଟନୀତି ଦ୍ୱାରା ତାହା ସମ୍ଭବ ହୋଇ ନ ଥାଏ । ଏକ କ୍ଷୁଦ୍ର ଚକୋଲେଟ୍‌ର ଆଦାନପ୍ରଦାନ ଯେଉଁ ଆବେଗିକ ଉଷ୍ମତା ଓ ପାରସ୍ପରିକ ସଂପର୍କର ଗଭୀରତା ବହନ କରିଥାଏ, କୌଣସି ସୁଦୀର୍ଘ ଭାଷଣ କିମ୍ବା ସଯତ୍ନ ଲିଖିତ ଘୋଷଣାନାମାରେ ତାହା କେବେହେଲେ ଅନୁଭୂତ ହୋଇପାରିବ ନାହିଁ । ସଂଯୋଗକ୍ରମେ ଉପାହାର ପାଇଁ ମୋଦୀଙ୍କ ଦ୍ୱାରା ‘ମେଲୋଡି’ର ଚୟନ ମଧ ଅନ୍ୟ ଏକ ଦୃଷ୍ଟିରୁ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇଥାଏ । ଏହା ସାଧାରଣତଃ ଏଭଳି ଉପହାର ପାଇଁ ବ୍ୟବହୃତ ହେଉଥିବା କେ ?ଣସି ବିରଳ କିମ୍ବା ବିଳାସ ଦ୍ରବ୍ୟ ନୁହେଁ; ଏହା ହେଉଛି ବର୍ଷ ବର୍ଷ ଧରି ସାଧାରଣ ଭାରତୀୟମାନଙ୍କ ମଧରେ ଲୋକପ୍ରିୟତା ଅର୍ଜନ କରିଥିବା ଏକ ସାଧାରଣ ଟଫି ମାତ୍ର । ଅନ୍ୟ ଭାବରେ କୁହାଯାଇପାରେ ଯେ ‘ମେଲୋଡି’ ହେଉଛି ଭାରତୀୟ ସାଂସ୍କୃତିକ ଗଣତନ୍ତ୍ରର ଏକ ଅଂଶ । ଏହା ହେଉଛି ଏକ ସୁପରିଚିତ, ସ୍ମୃତିମଣ୍ଡିତ, ସଂପୂର୍ଣ୍ଣ ରୂପେ ଭାରତୀୟ ନିତିଦିନିଆ ଖାଉଟି ଦ୍ରବ୍ୟ । ମୋଦୀ ତାଙ୍କର ଏହି ପଦକ୍ଷେପ ଦ୍ୱାରା ‘ମେଲୋଡି’ର ନିର୍ମାତା ପାର୍ଲେ କଂପାନିର ବ୍ରାଣ୍ଡ୍ ଆମ୍ବାସାଡର ଭୂମିକାରେ ଅବତୀର୍ଣ୍ଣ ହେବା ଭଳି ମନେ ହେଉଥିଲେ ହେଁ, ପ୍ରକୃତରେ ସେ ଯାହାର ବ୍ରାଣ୍ଡ୍ ଆମ୍ବାସାଡର ରୂପେ ଆବିର୍ଭୂତ ହୋଇଛନ୍ତି, ତାହା ହେଉଛି ଭାରତୀୟ ସାଧାରଣ ଖାଉଟି ସଂସ୍କୃତି । ସେ ଏହା ମାଧ୍ୟମରେ ଯେଉଁ ସନ୍ଦେଶ ପ୍ରସାର କରିଛନ୍ତି, ତାହା ଯେତିକି ସୂକ୍ଷ୍ମ ସେତିକି ସ୍ୱଷ୍ଟ : ଭାରତର ପରିଚୟ କେବଳ ସଫ୍‌ଟୱେଆର, ଆଧାତ୍ମିକତା କିମ୍ବା ଭୂ-ରାଜନୀତି ମଧରେ ସୀମିତ ନୁହେଁ; ଏହା ମଧ ସାଧାରଣ ଭାରତୀୟମାନେ ଭଲପାଉଥିବା ନିତିଦିନିଆ ପଦାର୍ଥମାନଙ୍କରେ ନିହିତ ଥାଏ- ଯେମିତି ‘ମେଲୋଡି’ । ଭାରତୀୟ ଶିଳ୍ପବାଣିଜ୍ୟ ପାଇଁ ମୋଦୀଙ୍କର ଏଇ ରଣକୌଶଳ ବିଶେଷ ସମ୍ଭାବନା ବହନ କରିଥାଏ । ଆଜିର ପୃଥିବୀରେ ଦେଶମାନେ ସେମାନଙ୍କର ସାଂସ୍କୃତିକ ଓ ବାଣିଜ୍ୟିକ ପରିଚୟ ପ୍ରତିଷ୍ଠା ମାଧ୍ୟମରେ ପରସ୍ପର ସହିତ ପ୍ରତିଯୋଗିତା କରିବା ଦେଖାଯାଇଥାଏ : ଜାପାନର ‘ଆନିମେ’ ଓ ‘ସୁସି’ ; ଦକ୍ଷିଣ କୋରିଆର ‘କେ-ପପ୍’ ଓ ପ୍ରସାଧନ ସାମଗ୍ରୀ; ଇଟାଲୀର ଫେସନ୍ ଓ କଫି ସଂସ୍କୃତି; ଇତ୍ୟାଦି । ଭାରତର ବିଶାଳ ବଜାର ଓ ଔଦ୍ୟୋଗିକ ପରମ୍ପରା ସତ୍ତ୍ୱେ କୌଣସି ଭାରତୀୟ ବ୍ରାଣ୍ଡ୍ ଭାରତୀୟ ସଂସ୍କୃତିର ପରିଚୟ ରୂପେ ବିଦେଶରେ ନିଜକୁ ପ୍ରତିଷ୍ଠିତ କରିପାରି ନାହିଁ । ତେଣୁ ପ୍ରଧାନମନ୍ତ୍ରୀ ଏବେ ଏକ ଆନ୍ତର୍ଜାତିକ ମଂଚରେ ହାଲ୍‌କା ଭାବରେ ଏକ ଭାରତୀୟ ଲୋକପ୍ରିୟ ମିଷ୍ଟାନ୍ନ ଉପରେ ଆଲୋକପାତ କରିବା ଏକ ବିଶାଳ ପ୍ରତୀକାତ୍ମକ ବାଣିଜ୍ୟିକ ସମ୍ଭାବନା ବହନ କରିଥାଏ । ଆଉ ଏଭଳି ପ୍ରତୀକାତ୍ମକ ସନ୍ଦେଶ ପ୍ରସାର ପାଇଁ ଚକୋଲେଟ୍ ଏକ ବିରଳ ଯୋଗ୍ୟତା ଧାରଣ କରିଥାଏ, କାରଣ ଦୁନିଆରେ ଖୁବ୍ କମ୍ ଅନ୍ୟ ଖାଦ୍ୟପଦାର୍ଥ ଅଛନ୍ତି, ଯେଉଁମାନେ ଚକୋଲେଟ୍ ଭଳି ସାର୍ବଜନୀନ ଆଦର ଲାଭ କରିଥାନ୍ତି । ଦେଶ କାଳ ପାତ୍ର ତଥା ସମାଜ ଓ ସଂସ୍କୃତି ନିର୍ବିଶେଷରେ ଏଇ ସୁମିଷ୍ଟ ମୁଖରୁଚି ସର୍ବଦା ସ୍ନେହ, ବନ୍ଧୁତା, ଉତ୍ସବ ପାଳନ ଓ ସଦିଚ୍ଛାର ସ୍ୱାଭାବିକ ଅଂଶ ହୋଇ ଆସିଛି । ନରେନ୍ଦ୍ର ମୋଦୀ ବର୍ତମାନ ଚକୋଲେଟ୍‌କୁ କୂଟନୀତିର ଏକ ଆୟୁଧ ରୂପେ ବ୍ୟବହାର କରି ତାହାକୁ ଆହୁରି ଏକ ଉଚ୍ଚତର ଆସନରେ ଅଧିଷ୍ଠିତ କରି ଦେଇଛନ୍ତି । ମୋଦୀ ଏହାଦ୍ୱାରା ‘କୋମଳ ଶକ୍ତି’ ତନ୍ତ୍ରର ପ୍ରବର୍ତକ ଆମେରିକୀୟ ରାଜନୀତିବିଜ୍ଞାନୀ ଓ କୂଟନୀତିଜ୍ଞ ଜୋସେଫ୍ ନାୟେଙ୍କର ଏ ସଂପର୍କିତ ଏକ ଚିନ୍ତାଧାରାର ଅନୁସରଣ କରିଥିବା ଭଳି ମନେ ହୋଇଥାଏ । ଏହା ଅନୁସାରେ ଯେଉଁ ରାଷ୍ଟ୍ର କୌଣସି ପ୍ରକାର ବଳ ପ୍ରୟୋଗ ନ କରି ପୃଥିବୀରେ ନିଜର ପ୍ରଭାବ ବିସ୍ତାର କରିବାକୁ ଚାହେଁ, ସେ ରାଷ୍ଟ୍ର ସମସ୍ତ ପ୍ରକାର ଜବରଦସ୍ତିର ପରିହାର କରି ଅନ୍ୟ ରାଷ୍ଟ୍ରମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବାର ଉପାୟ ଅନୁସନ୍ଧାନ କରିବା ଉଚିତ । ସାଂସ୍କୃତିକ ଆକର୍ଷଣ ହେଉଛି ଏଭଳି ଆକର୍ଷଣର ମୁଖ୍ୟ ଅଂଶ, ଯାହା ଉପରେ ପ୍ରଦତ ‘ଆନିମେ’ ବା ‘କେ-ପପ୍’ ଆଦି ଉଦାହରଣମାନଙ୍କ ଦ୍ୱାରା ପ୍ରମାଣିତ ହୋଇଥାଏ । ‘ମେଲୋଡି’ ଭାରତ ପାଇଁ ଏଇଭଳି ଏକ ସାଂସ୍କୃତିକ କୋମଳ ଶକ୍ତି ସୃଷ୍ଟିର ସମ୍ଭାବନା ପ୍ରତି ଦୃଷ୍ଟି ଆକର୍ଷଣ କରିଥାଏ । ବେଳେବେଳେ ଏକ ସାମାନ୍ୟ ଚକୋଲେଟ୍ କେବଳ ଏକ ସୁମିଷ୍ଟ ସ୍ୱାଦ ବହନ କରି ନ ଥାଏ, ଏହା ମଧ ଏକ ରାଷ୍ଟ୍ରର ଜାତୀୟ ଆତ୍ମବିଶ୍ୱାସ, ଅର୍ଥନୈତିକ ଉଚ୍ଚାଶା ଓ କୂଟନୈତିକ ଉଷ୍ମତାର ମିଳିତ ସ୍ୱାଦ ବହନ କରିଥାଏ- ଯେମିତି ‘ମେଲୋଡି’ କରିଛି । ସାଂପ୍ରତିକ ପୃଥିବୀ ଯେତେବେଳେ ଘୃଣା, ଅବିଶ୍ୱାସ, ସନ୍ଦେହ ଓ ଯୁଦ୍ଧର ଆବର୍ତରେ ଘାଂଟି ହେଉଛି, ଏଭଳି ନୈରାଶ୍ୟଜନକ ପରିବେଶରେ ସେତେବେଳେ ଦୁଇଟି ପ୍ରମୁଖ ଦେଶର ନେତାଙ୍କ ମଧରେ ଚକୋଲେଟ୍ ଆଦାନପ୍ରଦାନ ଠାରୁ ଅଧିକ ଆଶାବାଦୀ ମିଠା ଖବର ଆଉ କ’ଣ ହୋଇପାରେ !

# ଦେଶ ବାହାରେ ଜଗନ୍ନାଥ ଚେତନା

ସର୍ବଧର୍ମ, ସର୍ବମତ ଓ ସମସ୍ତ ଚିନ୍ତାଚେତନାର ପ୍ରତୀକ ହେଉଛନ୍ତି ଶ୍ରୀଜଗନ୍ନାଥ । ଶ୍ରୀଜଗନ୍ନାଥ ସଂସ୍କୃତି ଏକ ଭିନ୍ନ ସଂସ୍କୃତି । ଶ୍ରୀଜଗନ୍ନାଥ ହେଉଛନ୍ତି ସମନ୍ୱୟୀ । ନାନକ, କବୀର, ଶଙ୍କର, ଚୈତନ୍ୟ, ରାମାନୁଜ, ଗଣପତି ଭଟ୍ଟ, ବୁଦ୍ଧ, ଜୈନ ଏପରିକି ଭଗବାନ ଯୀଶୁ ପର୍ଯ୍ୟନ୍ତ ସମସ୍ତଙ୍କର ଚିନ୍ତାକୁ ଓ ମତକୁ ଶ୍ରୀଜଗନ୍ନାଥ ସଂସ୍କୃତି ସ୍ୱୀକୃତି ଦେଇଛନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥ ଅସମ୍ପୂର୍ଣ୍ଣ ହୋଇ ମଧ ସ୍ୱୟଂ ସମ୍ପୂର୍ଣ୍ଣ । ସେ ହେଉଛନ୍ତି ସମଗ୍ର ମୂର୍ତିତନ୍ତ୍ରର ପ୍ରତୀକ । ସର୍ବଧର୍ମର ମୂଳାଧାର । ସର୍ବକର୍ମ ସ୍ୱରୂପ । ସର୍ବଜୀବ ସ୍ୱରୂପ । ସେ ସିଦ୍ଧିଦାତା ଓ ମୁକ୍ତିଦାତା । ସମଗ୍ର ବିଶ୍ୱରେ ସେ ଏକ ପ୍ରତିରୂପ । ତାଙ୍କର ରୂପ, ରଙ୍ଗ, ଆକାର, ବେଶ, ପୋଷାକ, ପୂଜା, ପାର୍ବଣ, ଯାତ୍ରା, ଉତ୍ସବ ଅନୁଷ୍ଠାନ, ମନ୍ଦିର ତଥା କ୍ଷେତ୍ର ବିଷୟକ ସମଗ୍ର ତନ୍ତ୍ର ଓ ତଥ୍ୟ ରହସ୍ୟମୟ । ଏହି ରହସ୍ୟ ମଧ୍ୟରେ ଅପୌରୁଷେୟ ରହସ୍ୟର କେନ୍ଦ୍ରବିନ୍ଦୁ ତଥା ସମଗ୍ର ତନ୍ତ୍ରର ପ୍ରତୀକ ହେଉଛନ୍ତି ସ୍ୱୟଂ ଜଗନ୍ନାଥ । ମହାପ୍ରଭୁ କୌଣସି ଭୌଗୋଳିକ ସୀମା ମଧ୍ୟରେ ଆବଦ୍ଧ ନୁହଁନ୍ତି । ସେ ବିଭିନ୍ନ ସମ୍ପ୍ରଦାୟ ଭିନ୍ନିକ ଧର୍ମ ଦର୍ଶନ ଭିନ୍ନିରେ ବିଶ୍ୱ ମାନବ ସମାଜରେ ପରସ୍ପର ମଧ୍ୟରେ ବୁଝାମଣା ଓ ସହନଶୀଳତାର ଚେତନାକୁ ଜାଗ୍ରତ କରନ୍ତି । ବେଦଧର୍ମବାଦୀ ଭାରତୀୟ ସନାତନ ସମ୍ପ୍ରଦାୟ ତାର ଆଗମ ନିଗମ ଚାର୍ଯ୍ୟା ଚଳଣି, ଐତିହ୍ୟ ସଂସ୍କୃତି ପରମ୍ପରାରେ ଧର୍ମ ସଂକୀର୍ଣ୍ଣତାକୁ କେବେ ପ୍ରଶ୍ରୟ ଦେଇ ନାହିଁ । ସେ ବହୁ ଦେବ ବାଦ ଗ୍ରହଣ କରିଛି, ପରନ୍ତୁ ଅଦ୍ୱୈତବାଦ ଅଥବା ନିରାକାର ଶୂନ୍ୟବାଦକୁ ଅସ୍ୱୀକାର କରି ନାହିଁ । ସୃଷ୍ଟି ପର୍ଯ୍ୟାୟର କେଉଁ ସ୍ମରଣାତୀତ କାଳରୁ ସେ ଏପରି ଏକ ବିଶ୍ୱ ଜନୀନ ଉଦାର ଧର୍ମ ସଂସ୍କୃତିର ବଳିଷ୍ଠ ଭିତିପାର କରିଛି, ଯେଉଁଥିରେ ଦେଶ ଦେଶ, ମଣିଷ, ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ କୌଣସି ଭେଦବୋଧ ରଖିନାହିଁ କ ଭିନ୍ନ ଚିନ୍ତା ଭିନ୍ନ ପନ୍ଥାବଲମ୍ବନକାରୀଙ୍କ ପ୍ରତି ଅସହନଶୀଳ ବା ଅସୂୟାପରବଶ ହୋଇନାହିଁ । ଏବଂ ଭୂତ ଯେଉଁ ମାନବବାଦୀ ଚେତନା, ତାହା ହିଁ ଜଗନ୍ନାଥ ଧର୍ମ ସଂସ୍କୃତି ଚେତନା ଏବଂ ଆବାହମାନ କାଳରୁ ଏହା ଏ ଦେଶର ଭାବରାଜ୍ୟରେ ଯେପରି ବଳିଷ୍ଠ ସେହିପରି ସୁପରିପୁଷ୍ଟ । ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି, ଗାରିଗୋଟି ବିଗ୍ରହର ସମାହାାର ଅର୍ଥାତ୍ ‘ଜ’ ଜଗନ୍ନାଥ, ‘ବ’ ବଳଭଦ୍ର, ‘ସୁ’ ସୁଭଦ୍ରା ଏବଂ ‘ଥ’ ସୁଦର୍ଶନ । ଚତୁର୍ଦ୍ଧା ମୂର୍ତି ବେଦ ବର୍ଣ୍ଣିତ ମୋକ୍ଷ ଲାଭର ଚାରିଗୋଟି ସୋପାନ ମଧ । ତାହା ହେଉଛି କର୍ମ, ଜ୍ଞାନ, ଧ୍ୟାନ ଓ ମୋକ୍ଷ । ଉକ୍ତ ଚାରିଗୋଟି ସୋପାନର ପ୍ରତୀକ ହେଉଛନ୍ତି ଯଥାକ୍ରମେ ବଳଭଦ୍ର, ଜଗନ୍ନାଥ, ସୁଭଦ୍ର । ଏବଂ ସୁଦର୍ଶନ । ଶ୍ରୀଜଗନ୍ନାଥ ସଂସ୍କୃତି ହେଉଛି ଜ୍ଞାନ, କର୍ମ, ସାମ୍ୟ, ମୈତୀ କରୁଣାର ଏ କମଧୁର ସମନ୍ୱୟ । ଏଠାରେ ମାନବ ମାନବରେ ଭେଦ ନାହିଁ । ଅଧିକାରଭେଦରେ ବ୍ୟକ୍ତିର କର୍ତବ୍ୟ ଭିନ୍ନ ହେଲେ ହେଁ ବିକାଶରେ ବ୍ୟକ୍ତି ମାତ୍ରେ ହିଁ ଏକ । ଅନ୍ୟ ହୋଇ ମଧ ବ୍ୟକ୍ତି ଅନନ୍ୟ ସର୍ବ ଭିତରେ ସେ ନିଜେ

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525,Email: utkalsamachar@gmail.com/ utkalsamachar@rediffmail.com ( ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତ୍ତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟାଳୟର ଅଧୀନରେ ହିଁ ହେବ । ) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA , Pin :769003

# ଜିଲ୍ଲାସ୍ତରୀୟ ଏସଆଇଆର-୨୦୨୬ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡା, ୧/୬(ନି/ପ୍ର): ଝାରସୁଗୁଡା ଜିଲ୍ଲାରେ ଏସଆଇଆର-୨୦୨୬ ଅନ୍ତର୍ଗତ ଆଜି ଠାରୁ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କ ଦ୍ୱାରା ଘରକୁ ଘର ବୁଲି ତଥ୍ୟ ସଂଗ୍ରହ ଓ ଯାଂଚ୍ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲାପାଳ-ତଥା-ଜିଲ୍ଲା ନିର୍ବାଚନ ଅଧିକାରୀ ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)-ତଥା-ଇଆରଓ ୦୬-ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ଲଳିତ ସୋରେଙ୍ଗ ଏବଂ ଉପ-ଜିଲ୍ଲାପାଳ-ତଥା-ଇଆରଓ ୦୭-ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀ ସବ୍ୟସାଚୀ ପଣ୍ଡା ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ସଚେତନତା ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ୩୦ ମେ' ୨୦୨୬ ଠାରୁ ଆରମ୍ଭ ହୋଇଥିବା ଏହି କ୍ଷେତ୍ରସ୍ତରୀୟ ଅଭିଯାନ ଆସନ୍ତା ଜୁନ୍ ୨୮, ୨୦୨୬ ପର୍ଯ୍ୟନ୍ତ ଜାରି ରହିବ । ଏହି ସ୍ୱତନ୍ତ୍ର କ୍ଷେତ୍ର ଅଭିଯାନର ଶୁଭାରମ୍ଭକୁ ସ୍ମରଣୀୟ କରିବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ 'ଏସଆଇଆର' ଥିମ୍ ଆଧାରିତ ଏକ ଆକର୍ଷଣୀୟ ରଙ୍ଗୋଲି ପ୍ରଦର୍ଶନ କରାଯାଇଥିଲା । ଏହାପରେ ବିଏଲଓ ମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରାର ଆୟୋଜନ ହୋଇଥିଲା । ଏହି ସମାବେଶରେ ଡେପୁଟି କଲେକ୍ଟର (ନିର୍ବାଚନ) ଲୋପାମୁଦ୍ରା କାଲୋ, ଝାରସୁଗୁଡ଼ା ପୌରପାଳିକାର ଏଇଆରଓ ସୌମ୍ୟେଶ ଆଚାର୍ଯ୍ୟ, ସହକାରୀ ଜିଲ୍ଲାପାଳ ସଞ୍ଜୀବ ଶଡ଼ଙ୍ଗୀ, ସହକାରୀ ଜିଲ୍ଲାପାଳ ସନ୍ତୋଷ କୁମାର ନାୟକ ଏବଂ ସହକାରୀ ଜିଲ୍ଲାପାଳ ଦୁଷ୍ମନ୍ତ ମହାନ୍ତିଙ୍କ ସମେତ ଜିଲ୍ଲା ନିର୍ବାଚନ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଫରେଷ୍ଟର ନିଶାସକ୍ତ ଅବସ୍ଥାରେ ଲୋକଙ୍କ ଉପରକୁ କାର୍ ଚଢ଼ାଇବା ଅଭିଯୋଗ

ବଲାଙ୍ଗିର, ୧/୬(ନି/ପ୍ର) : ବଲାଙ୍ଗିର ସହରର ପାଟଣା ଛକରେ ଜଣେ ଫରେଷ୍ଟରଙ୍କୁ ମାତାଲ ଅବସ୍ଥାରେ ଉଦ୍ଧାର କରିଛି ବଲାଙ୍ଗିର ଟାଉନ ଥାନା ପୋଲିସ । ମଦ ପିଇ କାର ଚଲାଉ ଥିଲେ । ଆଉ ଲୋକଙ୍କ ଉପରକୁ ଚଢ଼ାଇ ଦେଉଥିଲେ । ଜଣେ ବାଇକ ଆରୋହୀ ଆହତ ହୋଇଥିବା ବେଳେ ଫରେଷ୍ଟର ବାବୁଙ୍କ ନାମ ଦିବ୍ୟ କୁମାର ମାଝୀ ଓ ବଙ୍ଗୋମୁଣ୍ଡା ବ୍ଲକରେ ସେ କାର୍ଯ୍ୟରତ ଅଛନ୍ତି । ତାଙ୍କ ଉପରେ ନିଶାସକ୍ତ ଅବସ୍ଥାରେ ଲୋକଙ୍କ ଉପରକୁ କାର୍ ଚଢ଼ାଇବା ଅଭିଯୋଗ ହୋଇଛି । ଏହି ଖବର ପାଇବା ପରେ ଟାଉନ ଥାନା ପୋଲିସ ତାଙ୍କୁ ଅଟକ ରଖି ତାଙ୍କ କାର କୁ ଜବତ କରିଥିବା ସୂଚନା ରହିଛି ।

# ଡ଼କାୟତି ଯୋଜନା ପଣ୍ଡ : ପୋଲିସ ଏନକାଉଂଟରରେ ଜୟ ଚୌହାନ ଆହତ, ୫ ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ

ଝାରସୁଗୁଡା, ୧/୬(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲା ପୋଲିସ ଏକ ବଡ଼ ସଫଳତା ହାସଲ କରିଛି । ରେଙ୍ଗାଲି ଥାନା ଅଂଚଳରେ ସକ୍ରିୟ ଥିବା ଏକ ସଶସ୍ତ୍ର ଡ଼କାୟତି ଗ୍ୟାଙ୍ଗର ଯୋଜନାକୁ ପଣ୍ଡ କରିବା ସହ ୫ ଜଣ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଗିରଫ କରିଛି । ଏହି ଅପରେସନ ସମୟରେ ପୋଲିସ ଓ ଅପରାଧୀଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟରେ ଗ୍ୟାଙ୍ଗର ସଦସ୍ୟ ଜୟ ଚୌହାନ(୩୦) ଆହତ ହୋଇଛି । ଶନିବାର ପୂର୍ବାହ୍ନରେ ଝାରସୁଗୁଡ଼ା ପୋଲିସ ମୁଖ୍ୟାଳୟରେ ଆୟୋଜିତ ପ୍ରେସମିଟ୍ ରେ ଏସପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ଏହି ଅପରେସନ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ । ଏସପିଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ପୋଲିସକୁ ଗୁପ୍ତ ସୂତ୍ରରୁ ଖବର ମିଳିଥିଲା ଯେ, ଏକ ସଶସ୍ତ୍ର ଡକାୟତି ଦଳ ରେଙ୍ଗାଲି ଅଂଚଳରେ ପ୍ରବେଶ କରି ଏକ ଆର୍ଥିକ ପ୍ରତିଷ୍ଠାନ ଉପରେ ଡକାୟତି କରିବାକୁ ଯୋଜନା କରୁଛି । ଏହାପରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇ ଗ୍ୟାଙ୍ଗ ଉପରେ ନଜର ରଖାଯାଇଥିଲା । ଅପରେସନ ବେଳେ ଲଖନପୁର ବ୍ଲକ କଦମଘାଟ ମା' ଘଣ୍ଟେଶ୍ୱରୀ ମନ୍ଦିର ନିକଟରେ ଏକ ସନ୍ଦିଗ୍ଧ ପିକଅପ୍ ଭ୍ୟାନକୁ ପୋଲିସ ଚିହ୍ନଟ କରିଥିଲା । ପୋଲିସ ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିବାରୁ ଅପରାଧୀମାନେ ଖସି ପଳାଇବାକୁ ଉଦ୍ୟମ କରିଥିଲେ । ଏହାପରେ ପୋଲିସ ପକ୍ଷରୁ ଗାଡ଼ିର ପଛ ଭାଗକୁ ଲକ୍ଷ୍ୟ କରି ନିୟନ୍ତ୍ରିତ ଗୁଳି ଚାଳନା କରାଯାଇଥିଲା । ଏହି ସମୟରେ ଜୟ ଚୌହାନ ପୋଲିସ ଦଳ ଉପରେ ଗୁଳି ଚଳାଇଥିବା ଅଭିଯୋଗ ହୋଇଛି । ବାରମ୍ବାର ଆତ୍ମସମର୍ପଣ କରିବାକୁ ସତର୍କ କରାଯାଇଥିଲେ ମଧ୍ୟ ସେ ଗୁଳି ଚଳାଇବା ଜାରି ରଖିବାରୁ ପୋଲିସ ଆତ୍ମରକ୍ଷାର୍ଥେ ପାଲଟା ଗୁଳି ଚଳାଇଥିଲା । ଫଳରେ ଜୟର ଡାହାଣ ଗୋଡ଼ରେ ଗୁଳି ବାଜିଥିଲା । ତାକୁ ତୁରନ୍ତ ଉଦ୍ଧାର କରି ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଘଟଣାସ୍ଥଳରୁ ଅନ୍ୟ ୪ ଜଣ ଅପରାଧୀ ଜଙ୍ଗଲକୁ ଫେରାର ହୋଇଥିଲେ । ତେବେ ପୋଲିସର ବ୍ୟାପକ କମ୍ବିଂ ଅପରେସନ ଓ ନାକାବନ୍ଦୀ ଫଳରେ ସେମାନଙ୍କୁ ମଧ୍ୟ ପରବର୍ତ୍ତୀ ସମୟରେ ଗିରଫ କରାଯାଇଥିଲା । ଗିରଫ ଅଭିଯୁକ୍ତମାନେ ହେଲେ ଜୟ ଚୌହାନ (୩୦), କରନ ଚୌହାନ (୨୮), ବିଶ୍ୱଜିତ ନାୟକ (୨୭), ସନ୍ତୋଷ ମହାତୋ ଓରଫ ବାଡେ (୨୮) ଏବଂ ରୋହିତ କୁମାର ସିଂ ଓରଫ ରବି ଓରଫ ବାରୁଦ (୩୦) । ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତମାନେ ପେସାଦାର ଅପରାଧୀ ଏବଂ ଏମାନଙ୍କ ନାମରେ ହତ୍ୟା ଉଦ୍ୟମ, ଡକାୟତି ଯୋଜନା, ଚୋରି, ଅପରାଧିକ ଧମକ ଓ ଆର୍ମସ ଆକ୍ଟ ଅଧୀନରେ ୧୦ରୁ ଅଧିକ ମାମଲା ରହିଛି । ପୋଲିସ ଘଟଣାସ୍ଥଳରୁ ଏକ ଦେଶୀ ପିସ୍ତଲ, ଦୁଇଟି ଖାଲି କାର୍ଟିଜ୍, ଏକ ଭୁଜାଲି, ଏକ ନକଲି ବନ୍ଧୁକ ଓ ଅପରାଧରେ ବ୍ୟବହୃତ ପିକଅପ୍ ଭ୍ୟାନ୍ ଜବତ କରିଛି । ଏହି ଘଟଣାରେ ରେଙ୍ଗାଲି ଥାନାରେ ଭାରତୀୟ ନ୍ୟାୟ ସଂହିତା ଓ ଆର୍ମସ ଆକ୍ଟ ଅଧୀନରେ ମାମଲା ରୁଜୁ ହୋଇଥିବା ବେଳେ ତଦନ୍ତ ଜାରି ରହିଛି । ଗ୍ୟାଙ୍ଗର ଅନ୍ୟାନ୍ୟ ଅପରାଧିକ କାର୍ଯ୍ୟକଳାପ ସହ ସମ୍ପୃକ୍ତି ନେଇ ମଧ୍ୟ ପୋଲିସ ଖୋଳତାଡ଼ ଚଳାଇଛି । ଉତରାଂଚଳ ଆଇଜି ହିମାଂଶୁ ଲାଲ୍ ଏହି ସଫଳ ଅପରେସନକୁ ପ୍ରଶଂସା କରିଥିବା ବେଳେ, ସଂଗଠିତ ଅପରାଧ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଏବଂ ଜନସାଧାରଣଙ୍କ ସୁରକ୍ଷା ପାଇଁ ଝାରସୁଗୁଡ଼ା ପୋଲିସ ସଦା ପ୍ରତିବଦ୍ଧ ବୋଲି ଏସପି ଜି.ଆର. ରେଡ୍ଡୀ କହିଛନ୍ତି ।

# ପିତୃ-ମାତୃହୀନ ଓ ଏକକ ଅଭିଭାବକ ଶିଶୁଙ୍କ ପାଇଁ ବୈଷୟିକ ଶିକ୍ଷା ପରାମର୍ଶ ଶିବିର
## କ୍ୟାରିୟର ଗଠନ ଓ ଦକ୍ଷତା ବିକାଶ ଉପରେ ବିଶେଷ ଗୁରୁତ୍ୱ

ଝାରସୁଗୁଡା, ୧/୬(ନି/ପ୍ର): ଝାରସୁଗୁଡା ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ (ଡିଏମଏଫ୍) ସମ୍ମିଳନୀ କକ୍ଷରେ ପିତୃ-ମାତୃହୀନ ଏବଂ ଏକକ ଅଭିଭାବକ ଶିଶୁମାନଙ୍କ ପାଇଁ ବୈଷୟିକ ଓ ବୃତିଗତ ଶିକ୍ଷା ସମ୍ବନ୍ଧୀୟ ଏକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ କ୍ୟାରିୟର ଓ ରୋଜଗାର ସୁଯୋଗ ଉପରେ ଆଲୋଚନା କରାଯାଇଥିଲା । ଜିଲ୍ଲା ଦକ୍ଷତା ବିକାଶ ଅଧିକାରୀ ସଙ୍ଗୀତା ମେହେର ଛାତ୍ରଛାତ୍ରୀମାନଙ୍କୁ ନିଜ ରୁଚି ଓ ଆଗ୍ରହ ଅନୁଯାୟୀ ଶିକ୍ଷା ଗ୍ରହଣ କରି ଉଜ୍ଜ୍ୱଳ କ୍ୟାରିୟର ଗଠନ କରିବାକୁ ପରାମର୍ଶ ଦେଇଥିଲେ । ସେ ଜିଲ୍ଲା ପ୍ରଶାସନ ଏବଂ ଦକ୍ଷତା ବିକାଶ ବିଭାଗ ପକ୍ଷରୁ ଉପଲବ୍ଧ ବିଭିନ୍ନ ପ୍ରଶିକ୍ଷଣ ଓ ସୁବିଧା ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ସ୍ୱାଗତ ଭାଷଣ ରଖି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷା ସଂଯୁକ୍ତା ମହାପାତ୍ର ଛାତ୍ରଛାତ୍ରୀଙ୍କୁ ନିୟମିତ ଅଧ୍ୟୟନ ସହ ବୃତିଗତ ଶିକ୍ଷା ପ୍ରତି ଆଗ୍ରହୀ ହେବାକୁ ପ୍ରେରିତ କରିଥିଲେ । ରାଜ୍ୟ ହୋଟେଲ ମ୍ୟାନେଜମେଂଟ ପ୍ରତିଷ୍ଠାନ, ବଲାଙ୍ଗୀରର ପ୍ରଶିକ୍ଷକ ସାହିଲ ସାହୁ ଉଚ୍ଚଶିକ୍ଷା, କ୍ୟାରିୟର ଗଠନ ଓ ରୋଜଗାର କ୍ଷେତ୍ରର ବିଭିନ୍ନ ସମ୍ଭାବନା ସମ୍ପର୍କରେ ପାୱାର ପଏଂଟ ଉପସ୍ଥାପନା ମାଧ୍ୟମରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ । ସେହିପରି ସରକାରୀ ଶିଳ୍ପ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଆଇଟିଆଇ), ଝାରସୁଗୁଡାର ପ୍ରଶିକ୍ଷକ ସୌରଭ ରଞ୍ଜନ ପଲେଇ ଓ ଦେବାଶିଷ ସାହୁ ବିଭିନ୍ନ ଟ୍ରେଡ୍, ପାଠ୍ୟକ୍ରମ ଏବଂ ତାଲିମ ସୁଯୋଗ ସମ୍ପର୍କରେ ଆଲୋଚନା କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ଏବଂ ଜିଲ୍ଲା ଦକ୍ଷତା ବିକାଶ କାର୍ଯ୍ୟାଳୟର ସ୍ନେହା ଛାତ୍ରଛାତ୍ରୀଙ୍କୁ କାଉନସେଲିଂ ପ୍ରଦାନ କରିଥିଲେ । ଅଧ୍ୟକ୍ଷୀୟ ଅଭିଭାଷଣରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଛାତ୍ରଛାତ୍ରୀମାନଙ୍କୁ ନିଜ ଲକ୍ଷ୍ୟ ଅନୁଯାୟୀ ଶିକ୍ଷା ଗ୍ରହଣ କରି ସଫଳ କ୍ୟାରିୟର ଗଠନ କରିବା ସହ ଜଣେ ଦାୟିତ୍ୱବାନ ନାଗରିକ ଭାବେ ଗଢ଼ି ଉଠିବାକୁ ଆହ୍ୱାନ ଜଣାଇଥିଲେ । ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସୁରକ୍ଷା ଅଧିକାରୀ ଚୂଡ଼ାମଣି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଶିବିରରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଓ ଅଭିଭାବକ ଅଂଶଗ୍ରହଣ କରିଥିବାବେଳେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ କାର୍ଯ୍ୟକ୍ରମଟି ସଫଳତାର ସହ ଆୟୋଜନ କରାଯାଇଥିଲା ।

# ବାଲ ସଂସ୍କାର ଯୋଗ ଶିକ୍ଷା ଶିବିର ଉଦ୍‌ଯାପିତ

ଘୁ.ଉଦୟଗିରି, ୧/୬(ନି/ପ୍ର): ସ୍ଥାନୀୟ ବ୍ଲକ ଅନ୍ତର୍ଗତ କଟିଙ୍ଗିଆ କମଳବନ ଆଶ୍ରମରେ ଅମୃତ ପରିବାର ତରଫରୁ ଅମୃତ ପରିବାରର ପ୍ରତିଷ୍ଠାତା ସୁଦୟ ଆବାଙ୍କ ତତ୍ତ୍ୱାବଧାନରେ ଆଠ ଦିନ ବ୍ୟାପି ଅନୁଷ୍ଠିତ 'ବାଲ ସଂସ୍କାର ଯୋଗ ଶିକ୍ଷା ଶିବିର' ଗମ୍ଭୀର ଓ ଆଧାତ୍ମିକ ପରିବେଶ ମଧ୍ୟରେ ଉଦ୍ ?ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ୨୦୦୫ ମସିହାରୁ ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ସଫଳତାର ସହିତ ଏକ ଗୁରୁ ଦାୟିତ୍ୱ ସମ୍ପାଦନ କରି ଆସୁଅଛି କ୍ଷ ଏହି ଶିବିରରେ ବିଭିନ୍ନ ଅଚଂଳରୁ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଯୋଗଦେଇ ଯୋଗ, ପ୍ରାଣାୟାମ, ନୈତିକ ଶିକ୍ଷା ଓ ଭାରତୀୟ ସଂସ୍କୃତି ସମ୍ପର୍କିତ ଶିକ୍ଷା ଗ୍ରହଣ କରିଥିଲେ । ଶିବିରରେ ଅନେକ ବିଜ୍ଞ ଓ ବିଦ୍ୱାନ ବ୍ୟକ୍ତି ଅଂଶ ଗ୍ରହଣ କରି ଶିଶୁମାନଙ୍କ ମଧ୍ୟରେ ନୈତିକତା, ଶୃଙ୍ଖଳା ଓ ଆତ୍ମବିଶ୍ୱାସ ଗଠନ ପାଇଁ ଯୋଗ ଓ ସଂସ୍କାର ଶିକ୍ଷା ଭିତିକ ଅତ୍ୟନ୍ତ ଆବଶ୍ୟକ ପ୍ରଶିକ୍ଷଣ ଦ୍ୱାରା ଶିଶୁମାନଙ୍କ ମାନସିକ ସ୍ଥିରତା, ଶାରୀରିକ ସୁସ୍ଥତା ଓ ଆଧାତ୍ମିକ ଚେତନାର ବିକାଶ ଘଟାଇବାରେ ସହାୟକ ହେବେ ବୋଲି ଆୟୋଜକଙ୍କ ତରଫରୁ ପ୍ରକାଶ । ଶିବିରରେ ଯୋଗ ଗୁରୁମାନେ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମ ଉପରେ ଶିକ୍ଷା ଦେବାର ବ୍ୟବସ୍ଥା ମଧ୍ୟ ରହିଛି । ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ଏଥିରେ ଅଂଶଗ୍ରହଣ କରୁଛନ୍ତି । ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଭିଭାବକମାନେ ଏପରି ଶିବିର ଆୟୋଜନକୁ ସ୍ୱାଗତ କରି ଭବିଷ୍ୟତରେ ଏହାକୁ ଆହୁରି ବ୍ୟାପକ କରିବାକୁ ଆହ୍ୱାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଶିଷ୍ୟ ପ୍ରମୁଖ ପ୍ରଜ୍ଞା ରଞ୍ଜନ ଓ ଅମୃତ ପରିବାରର ପ୍ରମୁଖ ପ୍ରଫୁଲ କୁମାର ପ୍ରଧାନ, କାର୍ଯ୍ୟକାରୀ ସଭାପତି ଗୌର ଚନ୍ଦ୍ର ପ୍ରଧାନ ଶିବିରରେ ଯୋଗ ଦେଇ କାର୍ଯ୍ୟକ୍ରମଟିକୁ ସୁଚାରୁରୂପେ ପରିଚାଳନା କରୁଛନ୍ତି । ଏହି କାର୍ଯ୍ୟକ୍ରମରେ କନ୍ଧମାଳଜିଲ୍ଲା ଆଦିବାସୀ ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାନ ଗୋବିନ୍ଦ ପ୍ରଧାନ, ବାଲିଗୁଡା ଆଇଟିଡିଏ ପ୍ରକଳ୍ପ ନିର୍ଦ୍ଦେଶକ କୃପାସିନ୍ଧୁ ବେହେରା, ସମାଜସେବୀ ବିବେକାନନ୍ଦ ପ୍ରଧାନ ଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ବିଭିନ୍ନ ଦିନରେ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଗୌରବନ୍ୱିତ ବଢ଼ାଇଥିଲେ । ରାଜ୍ୟ ଏବଂ ଜିଲ୍ଲାର ବିଭିନ୍ନ ଅଚଂଳରୁ ହଜାର ହଜାର ଭକ୍ତ, ଶ୍ରଦ୍ଧାଳୁ ଓ ଶୁଭେଚ୍ଛୁ ଯୋଗ ଦେଇ ସମସ୍ତ କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିଲେ ।

# ଦଲକି ଗ୍ରାମ ପଂଚାୟତରେ ଆଇନ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡା, ୧/୬(ନି/ପ୍ର) : ଲୋକ ଅଦାଲତ, ମଧ୍ୟସ୍ଥତା ଓ ମାଗଣା ଆଇନ ସେବା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କଲା ଡିଏଲଏସଏ । ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ (ଡିଏଲଏସଏ), ଝାରସୁଗୁଡ଼ାର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଦଲକି ଗ୍ରାମ ପଂଚାୟତର ସମ୍ମିଳନୀ କକ୍ଷଠାରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଝାରସୁଗୁଡ଼ାର ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିକଳ୍ପ ବିବାଦ ସମାଧାନ ବ୍ୟବସ୍ଥା ଯଥା ଲୋକ ଅଦାଲତ, ମଧ୍ୟସ୍ଥତା ଏବଂ ସାର୍ବଜନୀନ ଉପଯୋଗୀ ସେବା ପାଇଁ ସ୍ଥାୟୀ ଲୋକ ଅଦାଲତ (ପିଏଲଏ)ର ପ୍ରତିଷ୍ଠା, କାର୍ଯ୍ୟକାରିତା ଓ ଏହା ଦ୍ୱାରା ସମାଧାନ ହୋଇପାରୁଥିବା ବିବାଦଗୁଡ଼ିକ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ସେହିପରି ଆଇନ ସେବା ପ୍ରାଧିକରଣ ଅଧିନିୟମ, ୧୯୮୭ର ଅଧ୍ୟାୟ-ଭି ଆଇ ଏ ଅନୁଯାୟୀ ଉପଲବ୍ଧ ସୁବିଧା ଓ ଯୋଜନାଗୁଡ଼ିକ ବିଷୟରେ ମଧ୍ୟ ସଚେତନତା ସୃଷ୍ଟି କରାଯାଇଥିଲା । କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକ, ଡିଏଲଏସଏର ସଚିବ ଆଲୋକମୟୀ ପ୍ରଧାନ ଏବଂ ମୁଖ୍ୟ ଆଇନ ସେବା ପ୍ରତିପକ୍ଷ ଓକିଲ ସାଜଦା ବେଗମ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଆଇନଗତ ସୁବିଧା ସମ୍ପର୍କରେ ଅବଗତ କରାଇଥିଲେ । ଅତିଥିମାନେ ମାଗଣା ଆଇନ ସେବା, ପୀଡ଼ିତା କ୍ଷତିପୂରଣ ଯୋଜନା, ଲୋକ ଅଦାଲତ ଓ ମଧ୍ୟସ୍ଥତା ମାଧ୍ୟମରେ ବିଚାରାଧୀନ ମାମଲାର ଶୀଘ୍ର ସମାଧାନ ଏବଂ ନାଲ୍ସାର ଜାତୀୟ ହେଲ୍ପଲାଇନ ନମ୍ବର ୧୫୧୦୦ ବିଷୟରେ ସଚେତନତା ସୃଷ୍ଟି କରିଥିଲେ । ଏହି ଅବସରରେ ବର୍ତ୍ତମାନ ଚାଲିଥିବା ମଧ୍ୟସ୍ଥତା ଅଭିଯାନ ଏବଂ ସୁପ୍ରିମକୋର୍ଟଙ୍କ ପକ୍ଷରୁ ଆସନ୍ତା ଅଗଷ୍ଟ ୨୧, ୨୨ ଓ ୨୩ ତାରିଖରେ ଆୟୋଜିତ ହେବାକୁ ଥିବା 'ସମାଧାନ ସମାରୋହ'ରେ କେଉଁ ପ୍ରକାରର ମାମଲା ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇପାରିବ, ସେ ସମ୍ପର୍କରେ ପ୍ରାଧିକରଣର ସଚିବ ପ୍ରଧାନ ବିସ୍ତୃତ ସୂଚନା ଦେଇଥିଲେ ଏବଂ ଏହାର ସୁଯୋଗ ନେବାକୁ ଲୋକମାନଙ୍କୁ ଆହ୍ୱାନ କରିଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ମହିଳା, ସାଧାରଣ ଜନତା, ଡିଏଲଏସଏର ପ୍ୟାନେଲ ଓକିଲ ଏବଂ ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ । ସବିଶେଷ ସୂଚନା ପାଇଁ ଜାତୀୟ ହେଲ୍ପଲାଇନ ନମ୍ବର ୧୫୧୦୦ କିମ୍ବା ଡିଏଲଏସଏ, ଝାରସୁଗୁଡ଼ା କାର୍ଯ୍ୟାଳୟର ନମ୍ବର ୦୬୬୪୫-୨୭୩୪୭୦ରେ ଯୋଗାଯୋଗ କରିବାକୁ ପ୍ରାଧିକରଣ ପକ୍ଷରୁ ଅନୁରୋଧ କରାଯାଇଛି ।

# ସାମ୍ବାଦିକଙ୍କ ପିତୃ ବିୟୋଗ

ଝାରସୁଗୁଡ଼ା, ୧/୬(ନି/ପ୍ର) : ଝାରସୁଗୁଡ଼ା ଜିଲ୍ଲାର ବରିଷ୍ଠ ସାମ୍ବାଦିକ ମାନସ କୁମାର ମିଶ୍ରଙ୍କ ପିତା ଅବସରପ୍ରାପ୍ତ ପଂଚାୟତ ସମ୍ପାଦକ କୃଷ୍ଣ ପ୍ରସାଦ ମିଶ୍ର(୮୦)ଙ୍କ ଶନିବାର ସକାଳୁ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି । ସେ କୌଣସି ଏକ ଜଟିଳ ରୋଗରେ ପୀଡ଼ିତ ଥାଇ ବୁର୍ଲା ବଡ଼ ମେଡିକାଲରୁ ଚିକିତ୍ସା ସାରି ଘରକୁ ଫେରିଥିଲେ । ତେବେ ଶୁକ୍ରବାର ପୂର୍ବାହ୍ନରେ ପୁଣି ଅସୁସ୍ଥ ହେବାରୁ ଝାରସୁଗୁଡ଼ା ଡାକ୍ତରଖାନାରେ ଆଇସିୟୁରେ ଭର୍ତ୍ତି କରାଯାଇଥିଲା ଓ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଥିଲା । ତାଙ୍କ ମରଶରୀରକୁ ପ୍ରଥମେ ଝାରସୁଗୁଡ଼ା ସ୍ଥିତ ବାସଭବନକୁ ଅଣାଯାଇଥିଲା କ୍ଷ ପରେ ନିଜ ପୈତୃକ ଗ୍ରାମ କୋଲାବିରାକୁ ମରଶରୀର ଅଣାଯିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ଗ୍ରାମବାସୀ ଶେଷଦର୍ଶନ କରିଥିଲେ । ତେଲେନ ନଦୀ କୂଳ ଶ୍ମଶାନ ଘାଟରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ଏକମାତ୍ର ପୁଅ ସାମ୍ବାଦିକ ମାନସ ମୁଖାଗ୍ନି ଦେଇଥିଲେ । ଏଠାରେ ସୂଚନା ଥାଉକି, ସ୍ୱର୍ଗତ କୃଷ୍ଣ ପ୍ରସାଦ କୋଲାବିରା ପଂଚାୟତରୁ ସମ୍ପାଦକ ପଦବୀରୁ ଅବସର ନେଇଥିଲେ । ଜଣେ ପୂଜକ ଓ ପଣ୍ଡିତ ଭାବରେ ତାଙ୍କର କୋଲାବିରା ତଥା ଝାରସୁଗୁଡ଼ା ଅଂଚଳରେ ସୁନାମ ରହିଥିଲା । ପୂର୍ବରୁ ତାଙ୍କର ସ୍ତ୍ରୀ ଙ୍କ ଦେହାନ୍ତ ହୋଇସାରିଛି । ଘରେ ତାଙ୍କର ଏକମାତ୍ର ପୁଅ ମାନସ, ବୋହୂ ମାନି, ବଡ଼ଝିଅ ସୁନୀତା, ସାନଝିଅ ଚୁମକି, ଜ୍ୱାଇଁ ସତୀଶଙ୍କ ସହ ନାତି ନାତୁଣୀ ଓ ବନ୍ଧୁ ଜନ ଅଛନ୍ତି କ୍ଷ କୃଷ୍ଣ ପ୍ରସାଦଙ୍କ ବିୟୋଗରେ ବିଧାୟକ ଟଙ୍କଧର ତ୍ରିପାଠୀ ଗଭୀର ଶୋକ ପ୍ରକାଶ କରିବା ସହ ପରିବାର ପ୍ରତି ସମବେଦନା ଜଣାଇଛନ୍ତି । ଏହାସହ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ପ୍ରେମସେନ ରାଏ, ସାମ୍ବାଦିକ ଆଶିଷ ଦାଶ, ସଞ୍ଜୟ ପାଣିଗ୍ରାହୀ, ରିତେଶ ଶର୍ମା, ପ୍ରଶାନ୍ତ ମହାନ୍ତି, ମେହେବୁବ ମହତାବ, ରାଜକୁମାର ମିଶ୍ର, ସନ୍ତୋଷ ମିଶ୍ର, ଭୁବନ କିଶୋର ତିୱାରୀ, ପ୍ୟାରେଲାଲ ଶ୍ରୀବାସ୍ତବ, ସଞ୍ଜୟ ଲୋଧା, ରତ୍ନାକର ବେହେରା, ବସନ୍ତ ଜେନା, ସୁମନ୍ତ ଶେଖର ବହିଦାର, ସୁକାନ୍ତ ସାହୁ, କୀର୍ତ୍ତି ଚନ୍ଦ୍ର ବହିଦାର ଆର୍ତ୍ତତ୍ରାଣ ସାହୁ, ତ୍ରିଲୋଚନ ଦାଶ, ସେୱା ର ସମ୍ପାଦକ ସୁଶିଲ କୁମାର ଦାଶ, ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ, ସମାଜସେବୀ ବୀରେନ୍ଦ୍ର ମହାପାତ୍ର, ଭିଷ୍ମଦେବ ହୋତା, ଆନନ୍ଦ ମିଶ୍ର, ବିଜେପି ମଣ୍ଡଳ ସଭାପତି ରାଜେଶ ଦାଶ, ଉପସଭାପତି ସଞ୍ଜୟ ପୂଜାରୀ, ମନୁଆ ପୁରୋହିତ, ଅସିତ ବହିଦାର, ଆଇନଜୀବୀ ପ୍ରଶାନ୍ତ ଦାଶ, ବିଜେଡି ବ୍ଲକ ସଭାପତି ପୁରୁଷୋତମ ନାଏକ ପ୍ରମୁଖଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି ।

# ଟାଟା ଷ୍ଟିଲ ପକ୍ଷରୁ ଠିକାଦାର ଓ ରାଜମିସ୍ତ୍ରୀ ସଚେତନତା ସମ୍ମିଳନୀ

ଝାରସୁଗୁଡା, ୧/୬(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ସ୍ଥିତ ଗ୍ରୀନଭେଲି ବଗିଚାରେ ଟାଟାଷ୍ଟିଲ ପକ୍ଷରୁ ଠିକାଦାର ଓ ରାଜମିସ୍ତ୍ରୀ ସଚେତନତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଆଦର୍ଶ ଏଂଟରପ୍ରାଇଜେସ ଓ ଡେ ସନ ଡିଷ୍ଟ୍ରିବ୍ୟୁଟରଙ୍କ ସହଭାଗିତାରେ ଅନୁଷ୍ଠିତ ସମ୍ମିଳନୀରେ କମ୍ପାନୀ ଉପଭୋକ୍ତା ସେବା ମ୍ୟାନେଜର ରାଜକୁମାର ପାଳ ଯୋଗଦେଇ ଟାଟା ଷ୍ଟିଲ ଟିଏମଟି ବାର୍ ର ଗୁଣବତା ତଥା ଲୋକଙ୍କ ଚାହିଦା ଓ ଟାଟା କମ୍ପାନୀର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ । ଆଦର୍ଶ ଏଂଟରପ୍ରାଇଜେସ ର ପ୍ରୋପାଇଟର ସୁଶାନ୍ତ କୁମାର ପୁରୋହିତ ମଂଚାସିନ ଥିଲେ । ଏରିଆ ସେଲସ ମ୍ୟାନେଜର ସତ୍ୟନାରାୟଣ ବାରିକ ମଂଚ ପରିଚାଳନା କରିଥିଲେ । ଏଥିରେ କୋଲାବିରା ବ୍ଲକ ଅଂଚଳର ବହୁ ଠିକାଦାର ଓ ମିସ୍ତ୍ରୀ ଯୋଗଦେଇଥିଲେ ।

## ବେଆଇନ ମଦ ବିକ୍ରୀରେ ଚଢ଼ାଉ, ମହିଳା ଗିରଫ

ସମ୍ବଲପୁର, ୧/୬(ନି/ପ୍ର) ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଅନ୍ତର୍ଗତ କେଶାଇବାହାଲ ପଂଚାୟତର ସୋଲବଗା ଠାରେ ଚୋରାରେ ମଦ ବିକ୍ରି ହେଉଥିବା ନେଇ ସ୍ଥାନୀୟ ଅଂଚଳର ମହିଳା ସଙ୍ଗଠନ ପକ୍ଷରୁ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଥିଲା । ଏହିପରି ଅଭିଯୋଗକୁ ଅବକାରୀ ବିଭାଗ ଅଣଦେଖା କରି ଆସୁଥିବାବେଳେ ଆଜି ଘଟଣା ସ୍ଥଳରେ ଚଢ଼ାଉ କରି ୯ ଲିଟର ବିଦେଶୀ ମଦ ଜବତ୍ କରିବା ସହ ସମ୍ପୃକ୍ତା ମହିଳାଙ୍କୁ ଗିରଫ କରିଛି । ଗିରଫ ମହିଳା ଜଣଙ୍କ ସୋଲବଗା ଗ୍ରାମର ଲିଳି ନାଏକ ବୋଲି ଜଣାପଡିଛି । ଅପରପକ୍ଷେ ଗୋବିନ୍ଦପୁର ଅବକାରୀ ଅଧିକାରୀ ଦୁଲେଶ୍ୱର କୁମୁରା ଓ ଶ୍ୟାମ ଭୋଇଙ୍କ ପରୋକ୍ଷ ସହାୟତାରେ ମହିଳା ଜଣଙ୍କ ଦୀର୍ଘ ଦିନ ଧରି ଏଠାରେ ମଦ ବିକ୍ରି କରିଆସୁଥିବା ନିଜ ସଫେଇରେ ଜଣାଇଛି । ଯାହା ଫଳରେ ଆଜିର ଅବକାରୀ ଚଢ଼ାଉ ଏକ ପ୍ରହସନ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

## ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳିତ

ଭୁବନ, ୧/୬(ନି/ପ୍ର): କାମାକ୍ଷାନଗର ର ପୂର୍ବତନ ବିଧାୟକ ତଥା ଓଡ଼ିଶାର ପ୍ରଥମ ବିଜେପି ବିଧାୟକ ସ୍ୱର୍ଗତ ପ୍ରସନ୍ନ ପଟ୍ଟନାୟକଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଭୁବନ ଠାରେ ପାଳିତ ହୋଇଯାଇଛି । ପ୍ରସନ୍ନ ବାବୁଙ୍କ ଦ୍ୱାରା ଗଠିତ ଭୁବନ ମହିଳା ମହାବିଦ୍ୟାଳୟରେ ପ୍ରସନ୍ନ ବାବୁ ଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳନ କରାଯାଇଥିଲା ।

# ଅହଲ୍ୟାବାଇ ହୋଲକରଙ୍କ ଜନ୍ମ ଜୟନ୍ତୀକୁ ରାଷ୍ଟ୍ରୀୟ ମହିଳା ଦିବସ ଭାବରେ ପାଳିଲା ବିଏମ୍ଏସ୍

ରାଉରକେଲା,୧/୬(ନି/ପ୍ର): ମାହଓ୍ୱା ପ୍ରଦେଶର ମହାରାଣୀ ଅହଲ୍ୟାବାଇ ହୋଲକରଙ୍କ ଦ୍ୱାରା ଉଦ୍ଧାର କରାଯାଇଥିବା ୨୫୦ରୁ ଊର୍ଦ୍ଧ୍ୱ ଜରାଜୀର୍ଣ୍ଣ ମନ୍ଦିର, ଧର୍ମଶାଳାର ନିର୍ମାଣ, କୂଅ ଓ ପୋଖରୀର ଖନନକୁ ନେଇ ବିଏମ୍ଏସ୍ ପକ୍ଷରୁ ଆଜି ରାଷ୍ଟ୍ରୀୟ ମହିଳା ଦିବସ ରୂପେ ପାଳନ କରାଯାଇଛି। ୧୭୨୫ ମଇ ୩୧ରେ ମହାରାଷ୍ଟ୍ରର ଅହମଦନଗର ଜିଲ୍ଲାରେ ଜନ୍ମଗ୍ରହଣ କରିଥିବା ଅହଲ୍ୟାବାଇ ପରବର୍ତ୍ତୀ ସମୟରେ ହୋଲକର ବଂଶର ବୋହୂ ହୋଇଥିଲେ। ଯୁଦ୍ଧରେ ତାଙ୍କର ସ୍ୱାମୀ ଖଣ୍ଡେରାଓଙ୍କର ମୃତ୍ୟୁ ପରେ, ମାହଓ୍ୱା ପ୍ରଦେଶର ଶାସନଭାର ସେ ସମ୍ଭାଳିଥିଲେ। ଅହଲ୍ୟାବାଇ ଶିବଙ୍କର ପରମ ଭକ୍ତ ଥିଲେ। ତେଣୁ ରାଜ ସିଂହାସନରେ ନିଜେ ନବସି ଶିବଙ୍କର ପ୍ରତିମୂର୍ତ୍ତି ଶିବଲିଙ୍ଗକୁ ସିଂହାସନରେ ବସାଇ ୧୭୬୭ରୁ ୧୭୯୫ ପର୍ଯ୍ୟନ୍ତ ରାଜଶାସନ କରିଥିଲେ। ମଧ୍ୟପ୍ରଦେଶର ଅବସ୍ଥିତ ମହେଶ୍ୱର ଦୁର୍ଗ ତାଙ୍କର ନିବାସ ସ୍ଥଳ ଥିଲା। ସେଠାରେ ସେ ମହେଶ୍ୱର ଟେକ୍ସଟାଇଲ ଶିଳ୍ପ ମଧ୍ୟ କରିଥିଲେ। ଆଜି ମଧ୍ୟ ଇନ୍ଦୋରରେ ମହେଶ୍ୱର ଶାଢୀର ବହୁତ ଚାହିଦା ରହିଛି। ପ୍ରଜାମାନଙ୍କୁ ସେ ପୁତ୍ରବତ୍ ସ୍ନେହ କରୁଥିଲେ, ତେଣୁ ତାଙ୍କୁ ଲୋକମାତା କୁହାଯାଉଥିଲା। ୨୦୨୫ରେ ଭାରତ ସରକାର ଅହଲ୍ୟାବାଇଙ୍କର ୩୦୦ତମ ଜନ୍ମଜୟନ୍ତୀକୁ ସରକାରୀ ସ୍ତରରେ ପାଳନ କରିବା ସହିତ ଅହଲ୍ୟାବାଇଙ୍କ ଉପରେ ଏକ ଡାକ ଟିକଟ ଏବଂ ୩୦୦ ଟଙ୍କାର କଏନ ମଧ୍ୟ ପ୍ରଚଳନ କରିଥିଲେ। ଏଭଳି ମହିୟସୀ ମହିଳାଙ୍କ ଜନ୍ମ ତିଥିକୁ ବିଏମ୍ଏସ୍ ରାଷ୍ଟ୍ରୀୟ ମହିଳା ଦିବସ ରୂପେ ସାରା ଦେଶରେ ପାଳନ କରାଯାଉଛି। ଏହି ଉପଲକ୍ଷେ ସ୍ଥାନୀୟ ଆରଆଇକେଏସ୍ କାର୍ଯ୍ୟାଳୟରେ ଏକ ସଭାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯାଜ୍ଞସେନୀ ସାମାଜିକ ସଂଗଠନର ଅଧ୍ୟକ୍ଷା ନୀନାରାଣୀ ଜେନା, ମୁଖ୍ୟ ବକ୍ତା ଭାବରେ ପ୍ରସିଦ୍ଧ ଅଧିବକ୍ତା ବବିତା ମହାପାତ୍ର ଯୋଗଦେଇଥିଲେ। ମଚଂରେ ଆରଆଇକେକେଏସର ସାଧାରଣ ସମ୍ପାଦକ ହିଂମାଂଶୁ ବଳ ଏବଂ ବରିଷ୍ଠ ସଦସ୍ୟ ତଥା ସୁନ୍ଦରଗଡ଼ ଜିଲ୍ଲା ପ୍ରଭାରୀ ରାଜେନ୍ଦ୍ର ମାହନ୍ତ ମଚାଂସୀନ ଥିଲେ। ବିଏମ୍ଏସର ଅଖିଳ ଭାରତୀୟ କାର୍ଯ୍ୟକାରିଣୀ ସଦସ୍ୟା ସମୀତା ମିଶ୍ର ମଚଂ ପରିଚାଳନା କରିଥିବାବେଳେ ସମ୍ପାଦିକା ରୀତାରାଣୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ରୋମାନିଆରେ ଚମକିଲେ ଓଡିଆ ପୁଅ

## ବିଶ୍ୱ କ୍ୱନ୍ କି ଡୋ ଚମ୍ପିଆନସିପରେ ଓଡ଼ିଶାର ରୋନାକ୍ କରନ୍ ବ୍ରୋଞ୍ଜ ମେଡାଲ ସହ ଇତିହାସ ରଚିଲେ

ରାଉରକେଲା, ୧/୬ (ନି/ପ୍ର): ଚଳିତ ମାସ ୨୨ ରୁ ୨୪ ତାରିଖ ପର୍ଯ୍ୟନ୍ତ ରୋମାନିଆ ର ବୁଚାରେଷ୍ଟ ସହର ରେ ବିଶ୍ୱ କ୍ୱାନ୍ କି ଡୋ ଚାମ୍ପିଅନସିପ ହୋଇଥିଲା ।ଏହି ବିଶ୍ୱ କ୍ୱନ୍ କି ଡୋ ଚାମ୍ପିଅନସିପ ରେ ଭାରତରୁ କ୍ୱକ୍ଷନ୍ କି ଡୋ ଫେଡେରେସନ ଅଫ ଇଣ୍ଡିଆ ତତ୍ୱାବଧାନରେ ଏକ ୧୨ ଜଣିଆ ଦଳ ରୋମାନିଆ ଗସ୍ତ କରିଥିଲେ। ଭାରତ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାରୁ ରୋନାକ କରନ ଏହି ଚାମ୍ପିୟନସିପରେ ସିନିୟର୍ ଫାଇଟ୍ ବିଭାଗରେ ଅଂଶ ଗ୍ରହଣ କରି କାଂସ୍ୟ ପଦକ ହାସଲ କରିଛନ୍ତି ଏବଂ ଦେଶ ରାଜ୍ୟ ତଥା ଜିଲ୍ଲା କୁ ଗୌରବ ଅଣିଛନ୍ତି ।ରୋନକ ହେଉଛନ୍ତି ଏକ ମଧ୍ୟବିନ୍ତ ପରିବାରର ପିତା ଅଜିତ୍ କରନ ଏବଂ ମାତା ସାବିତ୍ରୀ କରନଙ୍କ ସୁପୁତ୍ର ।ସେ ସୁନ୍ଦରଗଡ ଜିଲ୍ଲା ର ଏକ ଛୋଟ ସହର ରାଜଗାଙ୍ଗପୁରରେ ରୁହନ୍ତି ।ତାଙ୍କର ଏହି କଠିନ ପରିଶ୍ରମ ପାଇଁ ବିଶ୍ୱମଚଂରେ ଦେଶର ନାମ ଶୀର୍ଷରେ ରଖିପାରିଛନ୍ତି ।ଏହି ଗୌରବ ପାଇଁ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, କ୍ୱାନ କି ଡୋ ଫେଡେରେସନ ଅଫ ଇଣ୍ଡିଆ ର (ସି.ଇ.ଓ) ସତିଶ ଧୂଳ ଜି , ସେକ୍ରେଟାରୀ ସୁମିତ୍ ଧୁଲ ଜି ,ଓ୍ୱର୍କିଙ୍ଗ ସେକ୍ରେଟାରୀ ଅମିତ ସିଂ ଜି ଶୁଭେଛା ଜଣାଇଛନ୍ତି ।କ୍ୱାନ୍ କି ଡୋ ଆସୋସିଏସନ୍ ଓଡିଶା ର ସଭାପତି ଗାଡୁ ବାଗ , ଚେୟାରମ୍ୟାନ ସଚ୍ଚିଦାନନ୍ଦ ବିଶ୍ୱାଳ,ସେକ୍ରେଟାରୀ ପଙ୍କଜିନି ବିଶ୍ୱାଳ ,ଓଡ଼ିଶା ଟେକ୍ନିକାଲ ଡାଇରେକ୍ଟର ତଥା କୋଚ୍ ବିଶ୍ୱଜିତ୍ ବାରିକ୍ , ସୁଦାମ କୁମାର ପ୍ରଧାନ, ରୋହିତ୍ କୁମାର ଦିପ ଏବଂ ଆସୋସିଏସନ୍ ର ସମସ୍ତ କର୍ମକର୍ତ୍ତା ଓ ଅଭିଭାବକଙ୍କ ଉପସ୍ଥିତି ରେ କୋଏଲ ନଗର ରିଟାଏଡ ଆସୋସିଏସନ୍ କ୍ଲବ ଠାରେ ରୋନକ କରନନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହିତ ଅଭିନନ୍ଦନ ଓ ଶୁଭକାମନା ଜଣାଇଛନ୍ତି ।ଏହି ସଫଳତା ପାଇଁ ସହରରେ ଖୁସିର ଲହରୀ ଖେଳିଯାଇଛି ।।

# ଇଦଗାହ ପଡିଆକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ

ରାଉରକେଲା,୧/୬(ନି/ପ୍ର): ମହତାବ ରୋଡରେ ଇଦଗାହ ପଡିଆ ନାମରେ ପରିଚିତ ଆଦିବାସୀ ଜମିରେ ସୀମା ପ୍ରାଚୀର ନିର୍ମାଣକୁ ନେଇ ରବିବାର ଏକ ବିବାଦ ଦେଖାଦେଇଥିଲା। ଆଦିବାସୀ ସଦସ୍ୟମାନେ ଏହି ନିର୍ମାଣକୁ ତୀବ୍ର ବିରୋଧ କରିଥିଲେ, ଯାହା ଫଳରେ ଦୁଇ ପକ୍ଷ ମଧ୍ୟରେ ମୁହାଁମୁହିଁ ହୋଇଥିଲା। ଫଳରେ କିଛି ସମୟ ପାଇଁ ଅଚଂଳରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା। ସମୟୋଚିତ ପୋଲିସ ପଦକ୍ଷେପ ଯୋଗୁଁ ପରିସ୍ଥିତି ନିୟନ୍ତ୍ରଣକୁ ଅଣାଯାଇ ବିବାଦୀୟ ଜମିରେ ନିର୍ମାଣ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିଦିଆଯାଇଥିଲା। ସୂଚନା ଅନୁସାରେ, ଉଦିତନଗର ଓରାମପଡ଼ା ବାସିନ୍ଦା ମାଙ୍ଗରା ଓରାମ ଏହି ଜମିକୁ ତାଙ୍କର ପୈତୃକ ସମ୍ପତ୍ତି ବୋଲି ଦାବି କରି କହିଥିଲେ ଯେ ତାଙ୍କର ପ୍ରାୟ ୨ ଏକର ୯ ଡେସିମିଲ ଜମି ଥିଲା, ଯାହା ଏକ ଷଡ଼ଯନ୍ତ୍ର ଦ୍ୱାରା ଜବରଦଖଲ କରାଯାଇଥିଲା। ସେ କହିଥିଲେ, ଯେ ତାଙ୍କ ପରିବାର ୧୯୯୪ ମସିହାରୁ ଜମି ମାଲିକାନା ନେଇ କୋର୍ଟରେ ଆଇନଗତ ଲଢ଼େଇ ଲଢୁଛନ୍ତି ଏବଂ ମାମଲା ଏପର୍ଯ୍ୟନ୍ତ ବିଚାରାଧୀନ ଅଛି। ମାଙ୍ଗରା ଓରାମଙ୍କ ଅଭିଯୋଗ ଅନୁସାରେ ସେ ରବିବାର ଦିନ ସୂଚନା ପାଇଥିଲେ ଯେ, କିଛି ଲୋକ ତାଙ୍କ ଜମିରେ ସୀମା ପ୍ରାଚୀର ନିର୍ମାଣ କରୁଛନ୍ତି। ଏ ନେଇ ସେ ପୋଲିସରେ ଅଭିଯୋଗ କରିଥିଲେ, କିନ୍ତୁ ତାଙ୍କୁ ଆଶାନୁରୂପ ସହାୟତା ମିଳିନଥିଲା। ତେଣୁ ସେ ବାଧ୍ୟ ହୋଇ ବ୍ୟକ୍ତିଗତ ଭାବରେ ଘଟଣାସ୍ଥଳକୁ ଯାଇଥିଲେ। ସେ କହିଥିଲେ ଯେ, ସେମାନେ ପ୍ରଶାସନିକ ଅଧିକାରୀଙ୍କ ସହିତ ବିଶେଷକରି ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ ସହିତ ମଧ୍ୟ କଥା ହୋଇଥିଲେ। କିନ୍ତୁ କୌଣସି ନୂତନ ନିର୍ଦ୍ଦେଶ ବିଷୟରେ ସେମାନଙ୍କୁ ସୂଚନା ଦିଆଯାଇ ନଥିଲା। ଅପରପକ୍ଷରେ ପାଚେରୀ ନିର୍ମାଣ କରୁଥିବା ମୁସଲିମ ସମ୍ପ୍ରଦାୟର ସଦସ୍ୟମାନେ କହିଛନ୍ତି ଯେ, ସେମାନେ ପୋଲିସ ଷ୍ଟେସନକୁ ସୂଚନା ଦେବା ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଘଟଣାର ଖବର ପ୍ରସାରିତ ହେବା ମାତ୍ରେ, ବିଭିନ୍ନ ହିନ୍ଦୁ ସଂଗଠନର ବହୁ ସଂଖ୍ୟକ ଆଦିବାସୀ ସଦସ୍ୟ ଏବଂ କର୍ମୀ ଘଟଣାସ୍ଥଳରେ ପହଂିଥିଲେ। ଏଥିସହିତ ଇଦଗାହ ପଡ଼ିଆ ନିକଟରେ ଗାଡ଼ି ରଖିଥିବା ମିନି-ଟ୍ରକ୍ ଡ୍ରାଇଭର ଓ କର୍ମଚାରୀମାନେ ମଧ୍ୟ ନିର୍ମାଣ କାର୍ଯ୍ୟକୁ ବିରୋଧ କରିଥିଲେ। ମାଙ୍ଗରା ଓରାମ, ବିଜୟ ଓରାମ ଏବଂ ଅଜୟ ଓରାମଙ୍କ ସମର୍ଥନରେ ଲୋକଙ୍କ ଭିଡ଼ ଜମା ହେବା ଆରମ୍ଭ ହୋଇଥିଲା। ମୁସଲିମ ସମ୍ପ୍ରଦାୟର ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ଉଭୟ ପକ୍ଷ ପରସ୍ପର ମୁହାଁମୁହିଁ ହେବା ପରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଯାଇଥିଲା। ପରିସ୍ଥିତି ବିଗିଡ଼ିବାକୁ ଦେଖି ପୋଲିସ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଦେଇଥିଲା। ପୋଲିସ ଅଧିକାରୀମାନେ ଉଭୟ ପକ୍ଷଙ୍କୁ ପରାମର୍ଶ ଦେଇଥିଲେ ଏବଂ ଶାନ୍ତି ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବାକୁ ନିବେଦନ କରିଥିଲେ।

# ବନାଚଂଳରେ ଜୁଆ ଆଡ୍ଡାର ପର୍ଦ୍ଦାଫାସ : ୨୬ ଗିରଫ, ୧୧.୧୬ ଲକ୍ଷ ଟଙ୍କା ଜବତ

ସୁନ୍ଦରଗଡ଼,୧/୬(ନି/ପ୍ର): ସୁନ୍ଦରଗଡ ହେମଗିରି ବନାଚଂଳରେ ଥିବା ଏକ ବଡ ଜୁଆ ଆଡ୍ଡା ଉପରେ ଚଢାଉ କରି ସୁନ୍ଦରଗଡ ପୋଲିସ ୨୬ ଜଣଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ୧୧ ଲକ୍ଷ ୧୬ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଜବତ୍ କରିଛି। ବେଆଇନ କାର୍ଯ୍ୟକଳାପ ଉପରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ସ୍ୱରୂପ, ସୁନ୍ଦରଗଡ଼ ପୋଲିସ ଦହେମଗିର ଥାନା ସୀମା ଅନ୍ତର୍ଗତ ଜାମଝରିଆ ଜଙ୍ଗଲ ଅଚଂଳ ମଧ୍ୟରେ ଚାଲିଥିବା ଏକ ବଡ଼ ଜୁଆ ଆଡ୍ଡା ଉପରେ ବିଳମ୍ବିତ ରାତିରେ ଚଢାଉ କରିଥିଲା, ଯେଉଁଥିରେ ୨୬ ଜଣ ଜୁଆଡିଙ୍କୁ ଗିରଫ କରାଯାଇଥିଲା ଏବଂ ଲକ୍ଷ ଲକ୍ଷ ଟଙ୍କାର ନଗଦ ଏବଂ ମୂଲ୍ୟବାନ ଜିନିଷପତ୍ର ଜବତ କରାଯାଇଥିଲା। ପୋଲିସ ସୂତ୍ର ଅନୁଯାୟୀ, ଜଙ୍ଗଲ ଭିତରେ ଏକ ସଂଗଠିତ ଜୁଆ ଆଡ୍ଡା ସମ୍ପର୍କରେ ବିଶ୍ୱସ୍ତ ଗୁଇନ୍ଦା ସୂଚନା ପରେ ରବିବାର ସନ୍ଧ୍ୟାରେ ଏହି ଅଭିଯାନ ଆରମ୍ଭ କରାଯାଇଥିଲା। ସୁନ୍ଦରଗଡ଼ ପୋଲିସ ଅଧିକ୍ଷକ ଅମୃତ ପାଲ କୌରଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ପୋଲିସ ଦଳ ସେହି ସ୍ଥାନରେ ଅତର୍କିତ ଚଢାଉ କରିଥିଲା। ଚଢାଉ ସମୟରେ, ପୋଲିସ ଜୁଆ କାର୍ଯ୍ୟକଳାପରେ ଜଡ଼ିତ ଥିବା ଅଭିଯୋଗରେ ୨୬ ଜଣଙ୍କୁ ଗିରଫ କରିଥିଲା ଏବଂ ଘଟଣାସ୍ଥଳରୁ ୧୧,୧୬,୯୦୦ ଟଙ୍କା ନଗଦ ଜବତ କରିଥିଲା। ଚଢାଉକାରୀ ଦଳ ୯ଟି ମୋଟରସାଇକେଲ, ତିନୋଟି କାର, ୩୧ଟି ମୋବାଇଲ ଫୋନ୍ ଏବଂ ଜୁଆ ଅପରେସନରେ ବ୍ୟବହୃତ ତାସ ମଧ୍ୟ ଜବତ କରିଥିଲା। ପୋଲିସ ଅଧିକାରୀମାନେ କହିଛନ୍ତି ଯେ ଜଙ୍ଗଲ ସ୍ଥାନକୁ ସାଧାରଣ ନଜରରୁ ଦୂରରେ ବଡ଼ ଧରଣର ଜୁଆ କାର୍ଯ୍ୟକଳାପ ପାଇଁ ଏକ ନିର୍ଜନ ସ୍ଥାନ ଭାବରେ ବ୍ୟବହାର କରାଯାଉଥିଲା। ହଠାତ୍ ପୋଲିସ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଅଂଶଗ୍ରହଣକାରୀମାନଙ୍କୁ ଖସିଯିବାର ସୁଯୋଗ ମିଳିଲା ନାହିଁ, ଫଳରେ ସେଠାରେ ଉପସ୍ଥିତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଆଇନର ପ୍ରାସଙ୍ଗିକ ବ୍ୟବସ୍ଥା ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି ଏବଂ ଜୁଆ ଅଭିଯାନର ବ୍ୟାପକ ଲିଙ୍କ୍ ଅଛି କି ନାହିଁ କିମ୍ବା ଜିଲ୍ଲାର ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିବା ଆୟୋଜକମାନେ ଏଥିରେ ସାମିଲ ଅଛନ୍ତି କି ନାହିଁ ତାହା ଜାଣିବା ପାଇଁ ଅଧିକ ତଦନ୍ତ ଚାଲିଛି। ଏହି ସଫଳ ଚଢାଉକୁ ସୁନ୍ଦରଗଡ଼ ଜିଲ୍ଲାରେ ସାମ୍ପ୍ରତିକ ସମୟରେ ସବୁଠାରୁ ବଡ଼ ଜୁଆ ବିରୋଧୀ ଅଭିଯାନ ମଧ୍ୟରୁ ଗୋଟିଏ ଭାବରେ ଦେଖାଯାଉଛି, ଯାହା ଅବୈଧ ବାଜି ଏବଂ ଜୁଆ କାର୍ଯ୍ୟକଳାପକୁ ରୋକିବା ପାଇଁ ଜିଲ୍ଲା ପୋଲିସର ତୀବ୍ର ପ୍ରୟାସକୁ ପ୍ରତିଫଳିତ କରେ। ପୋଲିସ ବେଆଇନ କାର୍ଯ୍ୟକଳାପ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନଙ୍କର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛି ଏବଂ ନାଗରିକମାନଙ୍କୁ ସେମାନଙ୍କ ଅଚଂଳରେ ସମାନ କାର୍ଯ୍ୟ ସମ୍ପର୍କରେ ସୂଚନା ବାଂଟିବାକୁ ଅନୁରୋଧ କରିଛି। ଜିଲ୍ଲାର ଦୂରଦୂରାନ୍ତ ଅଚଂଳରେ ଅବୈଧ ଜୁଆ ଖେଳର ବର୍ଦ୍ଧିତ ବିପଦ ଉପରେ ଦୀର୍ଘ ଦିନ ଧରି ଚିନ୍ତା ପ୍ରକାଶ କରୁଥିବା ସ୍ଥାନୀୟ ବାସିନ୍ଦାଙ୍କ ଦ୍ୱାରା ଏହି କାର୍ଯ୍ୟାନୁଷ୍ଠାନକୁ ବ୍ୟାପକ ଭାବରେ ସ୍ୱାଗତ କରାଯାଇଛି। କର୍ତ୍ତୃପକ୍ଷ ସୂଚିତ କରିଛନ୍ତି ଯେ ଆଇନର କଠୋର ପାଳନ ସୁନିଶ୍ଚିତ କରିବା ପାଇଁ ଆଗାମୀ ଦିନରେ ସମାନ କାର୍ଯ୍ୟାନୁଷ୍ଠାନ ଅଭିଯାନ ଜାରି ରହିବ।

# ହାପି ମୋମେଟଂସ ଇଣ୍ଡିଆର ୧୪ ତମ ପ୍ରତିଷ୍ଠା ଦିବସ ପାଳନ

ରାଉରକେଲା,୧/୬(ନି/ପ୍ର): ସାମାଜିକ ଅନୁଷ୍ଠାନ ହାପି ମୋମେଟଂସ ଇଣ୍ଡିଆ ର ୧୪ତମ ପ୍ରତିଷ୍ଠା ଦିବସ ଛେଣ୍ଡ ସ୍ଥିତ ରିମ୍ସ ପ୍ରେକ୍ଷାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କ ଆବାହକତ୍ୱ , ଝିଲିମା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ତଥା ଜର୍ଣ୍ଣାଲିଷ୍ଟ ଆସୋସିଏସନର ଉପସଭାପତି ତଥା କବି କୁଞ୍ଜବିହାରୀ ରାଉତ, ସମାଜସେବୀ କମଲ ଅଗ୍ରୱାଲ,ଲାୟନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ମମତା ଗୈ ।ତମ, ନିହାର ରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏହା ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ସୁବ୍ରତ ଚୌଧୁରୀ, ବିବେକାନନ୍ଦ ଦାସ,ଭରତ ବାଇ, ଅନିତା ଅଗ୍ରୱାଲ,ପିଙ୍କୁ ଜୟସ୍ୱାଲ, ପ୍ରକାଶ ପାଣ୍ଡୱ ।ନ,ବଲଭିନ୍ଦର କୈ ।ର ସହୋତା, ଅର୍ଚ୍ଚନା ସାହୁ, କାମିନୀ ମହନ୍ତ ତଥା ଅନ୍ୟାନ୍ୟ ସାମାଜିକ କର୍ମୀ ମାନଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଫାଇନାଲ କୁ ଉନ୍ନୀତ ହୋଇଥିବା ସଂଗୀତ ପ୍ରତିଯୋଗୀତାର କୃତିତ୍ୱ ହାସଲ କରିଥିବା ସହ ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଚାରକ ଭାବେ ଗୁରୁ ଫକୀର ପତି, ସୁସ୍ମିତା ନସ୍କର,ସୋମା ଭଟ୍ଟାଚାର୍ଯ୍ୟୀ ଦାୟିତ୍ୱ ତୁଲାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସସ୍ମିତା ପ୍ରଧାନ, ସଭାପତି ରଶ୍ମିତା ପଣ୍ଡା,ମାନୋଷୀ ଘୋଷ, ପୂର୍ଣ୍ଣଚନ୍ଦ୍ର ବେହେରା,ତରୁଲତା ସାମଲ,ଫତିମା ଫିରୋଜ ଘଡିଆଳୀ, ମେରୀ ଥୋମାସ,ସୋନୁ,ଅନ୍ୱେଷା ପଣ୍ଡା, ଧନଲକ୍ଷ୍ମୀ ବେହେରା,ତୃପ୍ତି ଭୂମିଜ, ଶ୍ୱାସ୍ୱତୀ,ଅନିକେତ,ରିୟା, ଆଶ୍ରିତା , କୃତିସ୍ମିତା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

# ଆରଏସପିର ଇ.ଆର,ଡବ୍ଲ୍ୟୁ ପାଇପ୍ ପ୍ଲାଂଟ ପକ୍ଷରୁ ଉତ୍କୃଷ୍ଟ ପ୍ରଦର୍ଶନ

ରାଉରକେଲା, ୧/୬ (ନି/ପ୍ର) :ସେଲ୍ର ରାଉରକେଲା ଇସ୍ପାତ କାରଖାନାର ଇଲେକ୍ଟ୍ରିକ୍ ରେଜିଷ୍ଟାନ୍ସ ଓ୍ୱେଲଡେଡ୍ ପାଇପ୍ ପ୍ଲାଂଟ ଉଲ୍ଲେଖନୀୟ ପ୍ରଦର୍ଶନ ସହିତ ଆର୍ଥିକ ବର୍ଷ ୨୦୨୫-୨୬ ର ସମାପ୍ତି କରିଛି, ଯାହା ଉତ୍ପାଦ ବିକାଶ ଏବଂ ବଜାର ସମ୍ପ୍ରସାରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ସ୍ଥାପନ କରିଛି। ଏହି ୟୁନିଟ୍ ୧୨ ବର୍ଷର ବ୍ୟବଧାନ ପରେ ଏପିଆଇ ଗ୍ରେଡ୍ ପାଇପ୍ ଉତ୍ପାଦନର ଏକ ଐତିହାସିକ ପୁନରୁଦ୍ଧାର ହାସଲ କରିଛି ଏବଂ ମାତ୍ର ସାତ ଦିନ ମଧ୍ୟରେ ପ୍ରାୟ ୮.୨ କିଲୋମିଟରର ଏପିଆଇ ୫ଖ ଆକ୍ସ-୫୨ ପି.ଏସ.ଏଲ.-୧ ପାଇପ୍ ସଫଳତାର ସହ ଉତ୍ପାଦନ ଓ ପ୍ରେରଣ (ଡିସପାଚ୍) କରିଛି। ଏହି ଉତ୍ପାଦନ ପ୍ରକ୍ରିୟା ପ୍ରାୟ ୯୯% ର ଚମତ୍କାର ଉତ୍ପାଦନ କ୍ଷମତା ଏବଂ ୮୦% ରୁ ଅଧିକ ନିର୍ଦ୍ଦିଷ୍ଟ-ଲମ୍ବ ଅନୁପାଳନ ପ୍ରଦାନ କରିଛି, ଯାହା ପ୍ରାୟ ୧୧୧.୫ ଲକ୍ଷ ଟଙ୍କାର ଆର୍ଥିକ ଲାଭ ଆଣିଦେଇଛି। ପ୍ଲାଂଟ ପାଇଁ ଅନ୍ୟ ଏକ ପ୍ରଥମ ସଫଳତା କ୍ରମରେ, ଇ.ଆର.ଡବ୍ଲ୍ୟୁ ୟୁନିଟ୍ ପ୍ରାୟ ୧୪ କିଲୋମିଟରର ୨୭୩.୧ ମିମି ୍ର ୧୨ ମିମି ଏଫ.ଇ-୪୫୦ ଇ.ଆର.ଡବ୍ଲ୍ୟୁ ପାଇପ୍ ବିକଶିତ ଏବଂ ଯୋଗାଣ କରିଛି, ଯାହା ଅଧିକ ମୋଟେଇ ବିଶିଷ୍ଟ ବିଭାଗରେ ପାଇପ୍ ତିଆରି କରିବାର କ୍ଷମତାକୁ ପ୍ରତିପାଦିତ କରିଛି। ଏହି ସଫଳତା ନୂତନ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିଛି ଏବଂ ପ୍ରାୟ ୨୧୨ ଲକ୍ଷ ଟଙ୍କାର ଲାଭ ପ୍ରଦାନ କରିଛି। ପ୍ଲାଟସ ଓପିଜିସିଏଲ୍ କୁ ପ୍ରାୟ ୮ କିଲୋମିଟରର ୪୦୬.୪ ମିମି ୍ର ୧୨ ମିମି ଏଫ.ଇ -୪୧୦ ପାଇପ୍ ଯୋଗାଇ ନିଜର ବୃହତ-ବ୍ୟାସ ବିଶିଷ୍ଟ ପାଇପଲାଇନ କ୍ଷମତାକୁ ଆହୁରି ମଜବୁତ କରିଛି, ଯାହା ଉଚ୍ଚ ଗଭୀରତା-ରୁ-ବ୍ୟାସ ଅନୁପାତ ପ୍ରୟୋଗ ପାଇଁ କଠୋର ଗୁଣବତ୍ତା ନିୟନ୍ତ୍ରଣ ଆବଶ୍ୟକତାକୁ ପୂରଣ କରିଛି। ଏହି ଯୋଗାଣ ଅର୍ଡର ପ୍ରାୟ ୧୮୫ ଲକ୍ଷ ଟଙ୍କାର ଆର୍ଥିକ ଲାଭ ଆଣିଦେଇଛି। ଏହି ସମସ୍ତ ସଫଳତା ମିଳିତ ଭାବେ ତେଲ, ଗ୍ୟାସ ଏବଂ ଶକ୍ତି (ପାୱାର) କ୍ଷେତ୍ର ପାଇଁ ଉଚ୍ଚ-ନିର୍ଦ୍ଦିଷ୍ଟତା ବିଶିଷ୍ଟ ପାଇପଲାଇନ ଗ୍ରେଡ୍ ଉତ୍ପାଦନ କରିବାରେ ଆର.ଏସ୍.ପି ର ବଢୁଥିବା ବୈଷୟିକ ଦକ୍ଷତାକୁ ଦର୍ଶାଉଛି। କେବଳ ଏହି ତିନୋଟି ପ୍ରମୁଖ ପଦକ୍ଷେପରୁ ମିଳିଥିବା ମିଳିତ ଆର୍ଥିକ ଲାଭର ପରିମାଣ ପ୍ରାୟ ୫୦୮.୫ ଲକ୍ଷ ଟଙ୍କା ଅଟେ। ଏହି ସମସ୍ତ ରଣନୀତିକ ବିକାଶ ସହିତ, ରାଉରକେଲା ଇସ୍ପାତ କାରଖାନା ସମଗ୍ର ଭାରତରେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଏବଂ ଜାତୀୟ ବିକାଶ ପ୍ରକଳ୍ପଗୁଡ଼ିକ ପାଇଁ ଉନ୍ନତ ଷ୍ଟିଲ୍ ପାଇପ୍ ଉତ୍ପାଦର ଏକ ପସନ୍ଦଯୋଗ୍ୟ ଯୋଗାଣକାରୀ ଭାବରେ ନିଜକୁ ସ୍ଥାପିତ କରିବା ଜାରି ରଖିଛି।

## ଦୈନିକ ଉତ୍କଳ ସମାଚାର ଏବଂ କଳିଙ୍ଗ ସମାଚାର ବୈଦ୍ୟୁତିକ ଗଣମାଧ୍ୟମର ପ୍ରଭାବ

# ଅବୈଧ ରାସ୍ତା ନିର୍ମାଣକୁ ବନ୍ଦ କଲେ ଜିଲ୍ଲା ପ୍ରଶାସନ

ସୁନ୍ଦରଗଡ଼,୧/୬(ନି/ପ୍ର): ବାମଡା ତହସିଲ ଅଧୀନରେ ଥିବା ଗଡପୋଷ ଅଚଂଳରେ ଜଣେ ପ୍ରଭାବଶାଳୀ ବ୍ୟକ୍ତି ନିଜ ଜମି କୁ ବିକ୍ରୀ କରିବା ନିମନ୍ତେ ବସ୍ତି ଯୋଗ୍ୟ ପ୍ଲଟ ଏବଂ ସରକାରୀ ପ୍ଲଟ କୁ ଯୋର ଜବର୍ଦ୍ଦସ୍ତ ନିଜ ଅକ୍ତିଆରକୁ ନେଇ ଅବୈଧ ଭାବେ ରାସ୍ତା ନିର୍ମାଣ କରୁଥିଲେ। ହେଲେ ଗତ ୨୨ ତାରିଖ ଦିନ ଏହା ସମ୍ବନ୍ଧରେ ଦୈନିକ ଖବର କାଗଜ ଉତ୍କଳ ସମାଚାର ଏବଂ କଳିଙ୍ଗ ସମାଚାର ରେ ବିସ୍ତୃତ ଭାବେ ଖବର ପ୍ରକାଶିତ ହୋଇ ଥିବା । ଖବର ପ୍ର କାଶିତ ପରେ ବାମରା ତହସିଲଦାର ତରନ୍ତ ଗଡପପୋଷ ଆର୍ ଆଇଙ୍କୁ ତଦନ୍ତ କରି ରିପୋର୍ଟ ଦେବାକୁ କହିଥିଲେ। ଆର୍ ଆଇଙ୍କ ଠାରୁ ତଦନ୍ତ ରିପୋର୍ଟ ପାଇଲା ପରେ ବାମରା ତହସିଲଦାର ତୁରନ୍ତ ଏକ୍ସନ ମୋଡ଼ ରେ ଆସି ଅବୈଧ ରାସ୍ତା ନିର୍ମାଣ କୁ ବନ୍ଦ କରିଥିଲେ। ଏବଂ ଅବୈଧ ରାସ୍ତା ନିର୍ମାଣ କରୁଥିବା ବ୍ୟକ୍ତିଙ୍କୁ ତାଗିଦ୍ କରିଥିବା ଜଣାପଡ଼ିଛି ।